visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.295 Bhubaneswar Saturday, January 15, 2022 | ୨୪ତମ ବର୍ଷ ସଂଖ୍ୟା-୨୯୫ ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# ଢିଙ୍କିଆରେ ଉତ୍ତେଜନା; ଗ୍ରାମବାସୀଙ୍କ ଉପରେ ପୁଲିସର ଲାଠିଚାର୍ଜ

ପାରାଦୀପ, ୧୪।୧(ପି.ଏନ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକର ଢିଙ୍କିଆରେ ପୁଣି ଉତ୍ତ?ଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ପାନ ବରଜକୁ ସୁରକ୍ଷା ଦେବାକୁ ଯାଉଥିବାବେଳେ ଗ୍ରାମବାସୀଙ୍କ ଉପରେ ପୁଲିସ ଲାଠିମାଡ କରିଛି। ପୁଲିସ ଲାଠିଚାର୍ଜରେ ଜଣେ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଆଜି ପୁଲିସ ଢିଙ୍କିଆରେ ପ୍ରବେଶ କରି ପାନ ବରଜ ଉଚ୍ଛେଦ କରିଥିଲା। ଗ୍ରାମବାସୀ ଏହାକୁ ବିରୋଧ କରି ପାନ ବରଜକୁ ସୁରକ୍ଷା ଦେବାକୁ ଯାଉଥିବା ବେଳେ ପୁଲିସ ଗାଁ ମୁଣ୍ଡରେ ସେମାନଙ୍କୁ ଅଟକାଇଥିଲା। ହେଲେ ଗ୍ରାମବାସୀ ପୁଲିସ କଥା ଶୁଣି ନ ଥିଲେ। ପରେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ହୋଇଥିଲେ। ଏହା ପରେ ପୁଲିସ ଗ୍ରାମବାସୀଙ୍କ ଉପରେ ଲାଠିଚାର୍ଜ କରିଥିଲା।ଲାଠିଚାର୍ଜ ଯୋଗୁଁ ଗ୍ରାମବାସୀ ଛତ୍ରଭଙ୍ଗ ଦେଇଥିଲେ। ଗ୍ରାମବାସୀ କରିଥିବା ଅସ୍ଥାୟୀ କ୍ୟାମ୍ପକୁ ପୁଲିସ ଭାଙ୍ଗି ଦେଇଥିଲା। ପୁଲିସ ଗାଁରେ ଫ୍ଲାଗ ମାର୍ଚ୍ଚ କରିବ ବୋଲି ଜଣାପଡିଛି।ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଲୋକଙ୍କ ସହମତିରେ ପାନବରଜ ଭଙ୍ଗା ଯାଇଥିଲା। ମୁଁ ଘଟଣାର ସମୀକ୍ଷା କରୁଛି। ଅନ୍ୟପକ୍ଷରେ ପରିସ୍ଥିତି ନିୟନ୍ତ୍ରଣ ହେବାରୁ ପୁଲିସ ଲାଠିଚାର୍ଜ କରାଯାଇଥିଲା ବୋଲି ଅତିରିକ୍ତ ଏସପି କହିଛନ୍ତି।ସୂଚନାଯୋଗ୍ୟ, ପସ୍କ? ପାଇଁ ଅଧିଗ୍ରହଣ ହୋଇଥିବା ଜମିରେ ଔଝଡ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏଥିପାଇଁ ରାଜ୍ୟ ସରକାର ସହମତି ଦେବା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। ମାତ୍ର ଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକ। ଆଉ ଦାବି କରିଛନ୍ତି, ?ଙ୍କିଆ ଓ ତା'ର ଆଖପାଖ ଅଞ୍ଚଳର ଜମି ଉର୍ବର। ଏଠାରେ ବିଭିନ୍ନ ପ୍ରକାର ଫସଲ ହେଉଛି। ଏଠାରେ ପ୍ରକଳ୍ପ ପ୍ରତିଷ୍ଠା କରାଗଲା ମାଟିର ଉର୍ବରତା ନଷ୍ଟ ହୋଇଯିବ। ତେଣୁ ଜିଲ୍ଲାର ଅନ୍ୟ କେଉଁଠି ପ୍ରକଳ୍ପ କରାଯାଉ ବୋଲି ଗାଁ ଲୋକେ ଦାବି କରିଛନ୍ତି।



# ଚାପରେ ଚାଲିଛି କ୍ୟାପିଟାଲ ହସ୍ପିଟାଲ, ତୃତୀୟ ଲହରରେ ପଜିଟିଭ୍ ହେଲେଣି ୩୦ କର୍ମଚାରୀ




ଭୁବନେଶ୍ୱର ୧୪।୧: ଚାପରେ ଚାଲିଛି କ୍ୟାପିଟାଲ ହସ୍ପିଟାଲ। ତୃତୀୟ ଲହରରେ ପଜିଟିଭ ହେଲେଣି ହସ୍ପିଟାଲର ୩୦ କର୍ମଚାରୀ। ସେମାନଙ୍କ ମଧ୍ୟରେ ଅଛନ୍ତି ୧୦ ଡାକ୍ତର ଓ ୨୦ ପାରା ମେଡ଼ିକାଲ କର୍ମଚାରୀ। ଏଣୁ ଏବେ କମ କର୍ମଚାରୀରେ ରୋଗୀ ସେବା ଜାରି ରଖିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ଯେଉଁଠି ପୂର୍ବରୁ ୩ ଜଣ କାମ କରୁଥିଲେ, ଏବେ ଜଣେ କାମ କରୁଛନ୍ତି। ହସ୍ପିଟାଲରେ କୋଭିଡ୍ ଟ୍ରିଟମେଣ୍ଟ ପ୍ରୋଟୋକାଲ ନେଇ ସରକାରଙ୍କ ନୂଆ ନିର୍ଦ୍ଦେଶ ଆସିଛି। ଏହା ଅନୁଯାୟୀ ଆମେ କାମ କରୁଛୁ।କ୍ୟାପିଟାଲ ହସ୍ପିଟାଲରେ ଏବେ ରୋଗୀଙ୍କ ଚିକିତ୍ସା ଲାଗି ହସ୍ପିଟାଲ ପରିସରରେ ସିଙ୍ଗଲ ୱିଣ୍ଡୋ ଟ୍ରିଟମେଣ୍ଟ ବ୍ୟବସ୍ଥା କରଯାଇଛି। ସେଠାରେ ରୋଗୀମାନେ ଟିକେଟ କାଟିବାଠୁ ଆରମ୍ଭ କରି ଚିକିତ୍ସା ଯାଏଁ ସବୁ ସୁବିଧା ପାଇପାରିବେ।

## ଭୁବନେଶ୍ୱରରେ ବଢୁଛି କଣ୍ଟେନମେଣ୍ଟ

ଭୁବନେଶ୍ୱର, ୧୪।୧(ପି.ଏନ): କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳର ଆଉ କିଛି ଅଂଚଳକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି। ୟୁନିଟ୍-୯ର ଗୋଟିଏ ସରକାରୀ ଘର ଓ ଏକ ଫ୍ଲଟ୍, ସତ୍ୟନଗର ତୋଷାଳି ଆପାର୍ଟମେଂଟର ଗୋଟିଏ ଫ୍ଲାଟ୍, ଲକ୍ଷ୍ମୀ ସାଗରର ଦୁଇଟି ଫ୍ଲଟ୍, ୫୯ ନମ୍ବର ୱାର୍ଡର ଶ୍ରୀରାମନଗରର ଏକ ଫ୍ଲଟ୍, ଆଇଆରସି ଭିଲେଜ ସ୍ଥିତ ୟୁବିଆଇ ଆଂଚଳିକ ଶାଖାର ପ୍ରଥମ ମହଲା, ପଟିଆ ସମ୍ପର୍କ ବିହାରରର ଗୋଟିଏ ଫ୍ଲଟ ଓ ଡୋଭ୍ ଆପର୍ଟମେଂଟ କୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି।

## କରୋନାରୁ ସୁସ୍ଥ ହେଲେ ୨୨୧୬

ଭୁବନେଶ୍ୱର, ୧୪।୧(ପି.ଏନ): ରାଜ୍ୟରେ ଆଜି ୨୨୧୬ ଜଣ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୨ ହଜାର ୩୯୫ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୪୭୯ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ୪୨୬ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୩୧୧, ସମ୍ବଲପୁରରୁ ୧୭୯, ଝାରସୁଗୁଡ଼ାରୁ ୧୫୬, ମୟୂରଭଂଜରୁ ୮୦, ସୁବର୍ଣ୍ଣପୁରରୁ ୫୬, ଯାଜପୁରରୁ ୪୭, ପୁରୀରୁ ୪୪, ଦେବଗଡ଼ରୁ ୩୭, ଅନୁଗୁଳ, ବଲେଶ୍ୱରରୁ ୩୪ ଜଣ ଲେଖାଏଁ, କୋରାପୁଟରୁ ୩୩ ଓ ଢେଙ୍କାନାଳରୁ ୨୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜଗତସିଂହପୁର, ନବରଂଗପୁରରୁ ୨୪ ଜଣ ଲେଖାଏଁ, ରାୟଗଡ଼ାରୁ ୨୧, କନ୍ଧମାଳରୁ ୧୭, ଗଂଜାମ, ନୟାଗଡ଼ରୁ ୧୫-୧୫, ବରଗଡ଼, ବଲାଙ୍ଗୀରରୁ ୧୪-୧୪, କେନ୍ଦ୍ରାପଡ଼ାରୁ ୯, ଗଜପତିରୁ ୮, ଭଦ୍ରକରୁ ୬, କଳାହାଣ୍ଡିରୁ ୪ ଓ ରାଜ୍ୟପୁଲରୁ ୧୦୧ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ଗୋଟିଏ ଦିନରେ ୧୦୨୭୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୨୭୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୧୧୮୭୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୦୬୫ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର ୧୭୯ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୧୭୧ ରହିଛି। ଆଜି ଚିହ୍ନଟ ହୋଇଥିବା ୧୦୨୭୩ ଜଣଙ୍କ ମଧ୍ୟରୁ ୫୯୬୨ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୪୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮୫, ବାଲେଶ୍ୱର ଜିଲ୍ଲାରୁ ୪୫୭ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୪, କଟକରୁ ୮୪୪ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୧୨୬, ଗଂଜାମ ଜିଲ୍ଲାରେ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୨୨, ଯାଜପୁରରୁ ୧୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୨୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୨୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୬, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରୁ ୧୧୪, ଖୋର୍ଦ୍ଧାରୁ ୩୪୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ୧୮୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ ଜିଲ୍ଲାରୁ ୧୨୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୨୬୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୫୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୦୪୯, ଷ୍ଟେଟ୍ ପୁଲରୁ ୭୯୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା କରୋନା ସଂକ୍ରମିତ

ଭୁବନେଶ୍ୱର, ୧୪।୧(ପି.ଏନ): କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା କରୋନା ସଂକ୍ରମିତ ହୋଇଛନ୍ତି। ସେ ନିଜେ ଟ୍ୱିଟ କରି ସେ ଏହି ସୂଚନା ଦେଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ମୁଁ ଆଜି ମୋର ସ୍ୱାସ୍ଥ୍ୟ ପରୀକ୍ଷାରୁ ସାମାନ୍ୟ ଲକ୍ଷଣଯୁକ୍ତ କରୋନା ସଂକ୍ରମିତ ହେବା ଜାଣିବାକୁ ପାଇଲି। ମୋ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ କୋଭିଡ ମାର୍ଗଦର୍ଶିକା ଅନୁସାରେ ସଙ୍ଗରୋଧରେ ରହିବା ସହିତ ନିଜ ନିଜର କୋଭିଡ ପରୀକ୍ଷା କରାଇନେବାକୁ ଅନୁରୋଧ କରୁଛି।'

## ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୪।୧(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୧ ଟି ଜିଲ୍ଲାରେ ଘଡଘଡି ବିଜୁଳି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଧା, ପୁରୀ, ନୟାଗଡ଼, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ରହିଛି। ଏସବୁ ଜିଲ୍ଲାରଗୁଡିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ଅପରପକ୍ଷରେ ୧୫ ତାରିଖ ପରେ ପାଗରେ ପରିବର୍ତ୍ତନ ହେବ। ବର୍ଷା କମିବା ସହ ଶୀତ ବଢ଼ିବ। ଆସନ୍ତା ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି।

# ଅପରାଧୀ ବୁଲୁଛି ପୋଲିସ ଧରୁନି




ଫୁଲବାଣୀ, ୧୪।୧(ପି.ଏନ): ଅପରାଧୀ ସ୍ୱଷ୍ଟ ଦିବାଲୋକରେ ଘୁରି ବୁଲୁଛି ଖଣ୍ଡାରେ ଆକ୍ରମଣ କରି। ଟାଉନ ପୋଲିସ ନିଷ୍କ୍ରିୟ ଥିବା ନେଇ ଅଭିଯୋଗ ହୋଇଛ। ଅଭିଯୋଗ କରିଛନ୍ତି ଆହତ ହୋଇଥିବା ଗରିବ ଅସହାୟ ବାପ ଓ ପୁଅ। ଘଟଣାଟି ଘଟିଛି ଫୁଲବାଣୀ ଟାଉନ ଥାନାନ୍ତର୍ଗତ ଜଗନାଥ ସାହିରେ। ଗତ ଡିସେମ୍ବର ୨୩ତାରିଖ ରାତି ୯.୩୦ମଧ୍ୟରେ ଏକ ଟ୍ରକ ଡ୍ରାଇଭର ସମ୍ବଲପୁର ଯିବାକୁ ରାସ୍ତା ପଚାରିଥିଲେ। ଏହାକୁ କେନ୍ଦ୍ର କରି ଶଙ୍କର୍ଷଣ ବଗର୍ତି ଓ ପପୁ ପଟନାୟକଙ୍କ ମଧ୍ୟରେ ବଚସା ହୋଇଥିଲା। ପପୁ ପଟ୍ଟନାୟକ କ୍ରୋଧରେ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର ଆଣି ଶଙ୍କର୍ଷଣ ବଗର୍ତି ଓ ତାଙ୍କ ବାପା ଶ୍ରୀବନ୍ତ ବଗର୍ତିଙ୍କୁ ଆକ୍ରମଣ କରିଥିଲା। ଶଙ୍କର୍ଷଣ ର ଡାହାଣ ହାତ ପାପୁଲି ରେ ଓ ବାପା ଶ୍ରୀବନ୍ତ ଙ୍କ ହାତରେ ଗଭୀର ଆଘାତ ହୋଇଥିଲା।ଏନେଇ ଟାଉନ ଥାନରେ ଶଙ୍କର୍ଷଣ ଏତେଲା ଦେଇଥିଲା। ଦୀର୍ଘ ୨୨ଦିନ ବିତିଯାଇଥିଲେ ମଧ ପୋଲିସ ଏତେଲା ଦର୍ଜ୍ଜ କରି ଚୁପ ବସିଯାଇଛି।ଏପଟେ ଅଳରାଧୀ ପପୁ ଫୁଲବାଣୀ ସହର ରେ ଘୁରିବୁଲୁଛି ବୋଲି ଆହତ ଶଙ୍କର ସନ ଥାନା ଅଭିଯୋଗ କରିଛନ୍ତି।କେଶ ନମ୍ବର ୨୧୭u/s୩୪୧,୩୯୪, ୩୨୩,୩୨୪, & ୩୦୭,୩୪ ଧାରା ମାମଲା ରୁଜୁ କରାଯାଇଛି।ଶଙ୍କର୍ଷଣ ଓ ଶ୍ରୀବନ୍ତ ବଗର୍ତ ସେମାନେ ଗତ ୧୨ତାରିଖରେ କନ୍ଧମାଳ ଏସ. ପି ଡ ଭିନୀତ ଅଗ୍ରୱାଲ ଙ୍କୁ ଭେଟି ନପାରି ଡି ଏସ ପି ଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଡି. ଏସପି ଙ୍କ ଅନୁସନ୍ଧାନ ପରେ ଅଳରାଧୀ ଫୁଲବାଣୀ ସହର ରେ ନାହିଁ ବାହାରେ ଅଛିବୋଲି ଥାନାଧିକାରୀ ସୁକାନ୍ତ ସେଠି ଉତ୍ତର ଦେଇଥିଲେ। ପୋଲିସ ପପୁ ର ଘରେ ପଶିପାରୁନାହାନ୍ତି ବୋଲି କେହିକେହି କହୁଛନ୍ତି।ପପୁ ପ୍ରଭାବଶାଳୀ ବ୍ୟବସାୟୀ ଓ ରାଜନୈତିକ ଦଳର ବୋଲି ଆଲୋଚ଼ନା ହେଉଛି। କାର୍ଯ୍ୟାନୁଷ୍ଠା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ରାଜଧାନୀରେ ୨୪ ଘଂଟାରେ ୧୧୪୮ ପଜିଟିଭ୍

ଭୁବନେଶ୍ୱର, ୧୪।୧(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୧୧୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୦୯୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୨୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୧୦୫୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖଣ୍ଡଗିରି ଅଂଚଳରୁ ୯୯ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୯୮, ପଟିଆ ଅଂଚଳରୁ ୯୫ ଜଣ, ଚନ୍ଦ୍ରଶେଖରପୁରରୁ ୯୦, ଓଲ୍‌ଡଟାଉନ୍ ରୁ ୮୮, ଝାରପଡା ରୁ ୫୨ ଜଣ, ରସୁଲଗଡରୁ ୪୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୩୦୯୮୨କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୩୩୬୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୩ ରେ ପହଂଚିଛି। ବର୍ତ୍ତମାନ ଆଉ ୬୪୯୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ୮ଟି ପଞ୍ଚାୟତ ପ୍ରାର୍ଥୀଙ୍କ ନାମ ଘୋଷଣା କଲେ ବିଧାୟକ



ଫୁଲନଖରା, ୧୪।୧(ପି.ଏନ): ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ୮ଟି ପଞ୍ଚାୟତର ବିଜେଡ଼ି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ଏହି ଉପଲକ୍ଷେ କୁରାଙ୍ଗଶାସନସ୍ଥ ଆମ୍ରପଲ୍ଲୀ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଳିକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ନଗରୀ ପଞ୍ଚାୟତ ପାଇଁ ତ୍ରିଲୋଚନ ଦାସ ସରପଞ୍ଚ ଓ ବ୍ରଜକିଶୋର ବେହେରା ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲାବେଳେ ହରିଅନ୍ତା ପଞ୍ଚାୟତ ପାଇଁ ପଦ୍ମିନୀ ପ୍ରଧାନ ସରପଞ୍ଚ ଓ ବୈକୁଣ୍ଠ ବେହେରା ସମିତି ସଭ୍ୟ ପ୍ରାର୍ଥୀଭାବେ ରହିଛନ୍ତି। ସେହିପରି କୋରକରା ପାଇଁ ଆଲୋକ ସ୍ୱାଇଁ ଓ ପ୍ରଭାତୀ ମହାପାତ୍ର, ଖଲର୍ଦ୍ଦା ପାଇଁ ଇତିଶ୍ରୀ ସ୍ୱାଇଁ ଓ ବେଣୁଧର ମୂଳିଆ, ଉଷୁମା ପାଇଁ ପାରମିତା ସ୍ୱାଇଁ ଓ ପୂର୍ଣ୍ଣିମା ଦାସ, ସାଇଁଶୋ ପାଇଁ ଗଗନବିହାରୀ ଜେନା ଓ ଖୁର୍ସିଦ ଖାଁ, କୁରାଙ୍ଗପ୍ରଧାନ ପାଇଁ ସୁରେଶକୁମାର ଭୋଇ ଓ ବୀରାଜିନୀ ମଳିକଙ୍କୁ ଯଥାକ୍ରମେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଭାବେ ଘୋଷଣା ହୋଇଥିଲା। କିନ୍ତୁ କୁରାଙ୍ଗଶାସନ ପଞ୍ଚାୟତ ପାଇଁ ସରପଞ୍ଚ ପ୍ରାର୍ଥୀ ଚୟନ ହୋଇପାରିନଥିଲାବେଳେ ସମିତି ସଭ୍ୟ ପ୍ରାର୍ଥୀଭାବେ ସତ୍ୟବ୍ରତ ଜେନାଙ୍କ ନାମ ଘୋଷଣା ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡାକ୍ତର ମଳିକଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି, ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ବ୍ଲକ ଯୁବ ବିଜେଡ଼ି ସଭାପତି ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶସ୍ତା ହେଉଛି ସୋରିଷ ତେଲ, ଆଗକୁ ଆହୁରି କମିବ



ନୂଆଦିଲ୍ଲୀ, ୧୪।୧(ପି.ଏନ): ଖାଉଟିଙ୍କ ପାଇଁ ଆଶ୍ୱସ୍ତିକର ଖବର। ନିୟନ୍ତ୍ରଣକୁ ଆସୁଛି ଖାଇବା ତେଲର ମୂଲ୍ୟ। ଖାଇବା ତେଲ ମୂଲ୍ୟରେ ହ୍ରାସ ସାଧାରଣ ଖାଉଟିକୁ ଆଶ୍ୱସ୍ତି ପ୍ରଦାନ କରିଛି। ଦୁଇରୁ ତିନି ମାସ ପୂର୍ବ ଯେଉଁଠି ସୋରିଷ ତେଲର ଦର ଆକାଶଛୁଆଁ ଥିଲା। ଆଜି ତାହା ୧୭ରୁ ୨୨ ଟଙ୍କା ଶସ୍ତା ହୋଇଛି। ତେବେ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ଶୂନ କରିବା ସହ ଭବିଷ୍ୟତ ପାଇଁ ବ୍ୟବସାୟୀକ ଚୁକ୍ତି ଉପରେ ରୋକ ଲଗାଇବା ପରି ସରକାରଙ୍କ ପଦକ୍ଷେପ ଯୋଗୁଁ ମୂଲ୍ୟ ହ୍ରାସ ହେଉଥିବା କୁହାଯାଉଛି। ବ୍ୟବସାୟୀଙ୍କ ମତ ଖାଇବା ତେଲ ଆଗକୁ ଆହୁରି ଶସ୍ତା ହୋଇପାରେ।ଗତ ଏକ ମାସରେ ଯଦି ଖାଇବା ତେଲର ଦର ଉପରେ ନଜର ପକାଇବା ତେବେ ଅକ୍ଟୋବର-ନଭେମ୍ବରରେ ସୋରିଷ ତେଲ ଲିଟର ପିଛା ୧୮୫ ଟଙ୍କାରେ ବିକ୍ରିରେ ହେଉଥିଲା। ଏବେ ଏହା ୧୬୩ରୁ ୧୬୮ ଟଙ୍କାରେ ବିକ୍ରି ହେଉଛି। ସେହିପରି ନଭେମ୍ବର ମାସରେ ସୋୟାବିନ ତେଲ ଲିଟର ପିଛା ଦର ୧୪୦ ଟଙ୍କା ରହିଥିଲା। ଯାହା ବର୍ତ୍ତମାନ ସମୟରେ ୧୩୦ରୁ ୧୩୨ ଟଙ୍କା ପ୍ରତି ଲିଟର ହୋଇଛି।ବଜାର ବିଶେଷଜ୍ଞଙ୍କ ମତ ଖରିଫର ମୁଖ୍ୟ ଫସଲ ସୋୟାବିନର ଉତ୍ପାଦନରେ ହ୍ରାସ ଯୋଗୁଁ ସେପ୍ଟେମ୍ବରରେ ଏହାର ମୂଲ୍ୟରେ ବୃଦ୍ଧି ଘଟିଥିଲା। ଫଳରେ ସୋୟାବିନ ତଲର ଲିଟର ପିଛା ଦର ୯୦ ଟଙ୍କାରୁ ବଢି ୧୪୦ ଟଙ୍କାରେ ପହଞ୍ଚିଥିଲା। ଖାଇବା ତେଲ ମୂଲ୍ୟରେ ୪ ମାସରେ ଲିଟର ପିଛା ୪୫ ଟଙ୍କା ବୃଦ୍ଧି ସାଧାରଣ ଖାଉଟିଙ୍କ ଚିନ୍ତା ବଢାଇଥିଲା। କିନ୍ତୁ ଏବେ ଏହି ମୂଲ୍ୟରେ ହ୍ରାସ ଆରମ୍ଭ ହୋଇଛି। ଯେଉଁଥି ପାଇଁ ଖାଉଟି ୮ରୁ ୧୦ ଟଙ୍କା ସଞ୍ଚୟ କରିପାରୁଛନ୍ତି।

# ଅତି ଆବଶ୍ୟକ ନଥିଲେ ରୋଗୀମାନେ ହସ୍ପିଟାଲକୁ ବାରମ୍ବାର ନ ଆସିବାକୁ ଅନୁରୋଧ କଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୪।୧(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ଲଗାତାର ଭାବରେ ବଢୁଥିବାରୁ ଅତି ଆବଶ୍ୟକ ନଥିଲେ ରୋଗୀମାନେ ହସ୍ପିଟାଲକୁ ବାରମ୍ବାର ନ ଆସିବାକୁ ଅନୁରୋଧ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ସେ ହସପିଟାଲ କଟକଣା ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସାଧାରଣ ଭାବେ ହସ୍ପିଟାଲରେ ସବୁବେଳେ ଅଧିକ ଗହଳି ହୁଏ। ତେଣୁ ହସପିଟାଲରେ ସଂକ୍ରମଣର ଅଧିକ ଆଶଙ୍କା ରହିଥାଏ। ତେଣୁ ଅତି ଦରକାର ନଥିଲେ ରୋଗୀମାନେ ହସ୍ପିଟାଲକୁ ବାରମ୍ବାର ଆସନ୍ତୁ ନାହିଁ। ଯେଉଁମାନଙ୍କ ସାଧାରଣ ରୋଗ ରହିଛି, ସେମାନଙ୍କ ଲାଗି ଟେଲିମେଡ଼ିସିନ ସେବା ଆରମ୍ଭ ହୋଇଛି। ସେଠି ଯୋଗାଯୋଗ କରି ସେମାନେ ଔଷଧ ନେଇପାରିବେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏମିତିକି ଓପିଡିର ଆଟେଣ୍ଡାନ୍ସ କମାଇବାକୁ ବି କୁହାଯାଇଛି। ହସ୍ପିଟାଲରେ ମାଇନର ସର୍ଜରୀ ନୁହେଁ, ଏବେ କେବଳ ଜରୁରୀକାଳୀନ ସର୍ଜରୀକୁ ପ୍ରାଥମିକତା ଦିଆଯିବ। ଯେଉଭଳି ରାଜ୍ୟରେ ସଂକ୍ରମଣ ନ ବଢ଼ିବ, ସେଥିଲାଗି ଏଭଳି କଟକଣା ଲଗାଯାଇଛି। ଏହି କଟକଣା ରୋଗୀଙ୍କ ଭଲ ପାଇଁ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ସଟଡାଉନ ଓ ଲକଡାଉନ ଆବଶ୍ୟକ କି ବୋଲି ପ୍ରଶ୍ନରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ୧୦ ହଜାର, ୧୨ ହଜାର ଦୈନିକ ସଂକ୍ରମଣରେ ଦ୍ୱିତୀୟ ଲହରର ପ୍ରଭାବ ଦେଖନ୍ତୁ, ଏଥରର ପ୍ରଭାବ ଦେଖନ୍ତୁ। ସବୁଦିଗକୁ ଧ୍ୟାନରେ ରଖି ସରକାର ଉଚିତ ପଦକ୍ଷେପ ନେଉଥିବା ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସରକାର କଣ ପଦକ୍ଷେପ ନେଉଛନ୍ତି, ଆମେ ତାହାକୁ ଅପେକ୍ଷା କରିବା। ଆମେ ବାରମ୍ବାର କହୁଛୁ, ସଂକ୍ରମଣ ବଢୁଛି। ସମ୍ଭାବ୍ୟ ସିଭିୟରିଟିକୁ ନଜରରେ ରଖି ଭିତ୍ତିଭୂମି ପ୍ରସ୍ତୁତ କରି ରଖାଯାଇଛି। ସର୍ଭେଲାନ୍ସ ଚାଲିଛି, ଟିକାକରଣ ଚାଲିଛି। ଗତ ବର୍ଷ ଏହି ପଜିଟିଭ ହାର ଓ ଏବର୍ଷର ହାର ଦେଖିଲେ, ଜାଣିପାରିବେ କେତେ ହସ୍ପିଟାଲାଇଜେସନ ଆବଶ୍ୟକ ହେଉଛି ? ହସ୍ପିଟାଲ କ୍ଷେତ୍ରରେ ରାଜ୍ୟ ଭଲ ସ୍ଥିତିରେ ଅଛି। ସରକାର ଉଚିତ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭନ୍ନ ଭନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ସମାରୋହ

ଖୋର୍ଦ୍ଧା (ପିଏନ୍): ସ୍ଥାନୀୟ ବିବେକାନନ୍ଦ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ସମାରୋହ ଅନୁଷ୍ଠାନର ଅଧକ୍ଷ ଶିକ୍ଷାବିତ ଡ଼କ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ ଗୀତା ଗବେଷଣା ପରିଷଦର ସଂପାଦକ ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ବିବେକାନନ୍ଦ ଇନ୍ଷ୍ଟିଚ୍ୟୁଟର ଅଧକ୍ଷ ଡ଼କ୍ଟର ନନ୍ଦ ତାଙ୍କ ସ୍ୱାଗତ ଭାଷଣରେ କହିଲେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଖୋର୍ଦ୍ଧାରେ ଆଜକୁ ୩୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ପାଳିତ ହେବା ଦ୍ୱାରା ଛାତ୍ରଛାତ୍ରୀ ତଥା ଯୁବ ସମାଜ ସେମାନଙ୍କର ଚରିତ୍ର ଗଠନ ପାଇଁ ବହୁ ପ୍ରେରଣା ପାଇଛନ୍ତି । ଆଗାମୀ ଦିନରେ ଖୋର୍ଦ୍ଧାଠାରେ ଏକ ସ୍ୱାମୀ ବିବେକାନନ୍ଦ ମନ୍ଦିର ସ୍ଥାପନ ସହିତ ସ୍ୱାମୀଜୀଙ୍କ ନାମରେ ସାରା ଦେଶର ପ୍ରତ୍ୟେକ ଜିଲା କେନ୍ଦ୍ରରେ ଆନ୍ତର୍ଜାତୀୟ ସ୍ତରର ଉଚ୍ଚମାନର ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଉଛି । ଶିକ୍ଷାବିତ୍ ଡ଼କ୍ଟର ବୃନ୍ଦାବନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମିଶ୍ର କହିଲେ ସ୍ୱାମୀଜୀଙ୍କ ସେବା ଓ ତ୍ୟାଗର ଭାବନା ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ସ୍ପନ୍ଦିତ ହେଉ । ଦେଶରେ ଅବହେଳିତ ଓ ନିଷ୍ପେସିତ ଦୁଃଖୀ ଦରିଦ୍ର ମାନଙ୍କୁ ଭଗବାନ ଭାବି ସେମାନଙ୍କର ସେବା କରିବାକୁ ହେବ, ଏହାଦ୍ୱାରା ରାଷ୍ଟ୍ରର ଉତ୍‌ଥାନ ସମ୍ଭବ । ବିବେକାନନ୍ଦ ବିଜ୍ଞାନ ଭବନ ଏବଂ କଲେଜ୍ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଂଟ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ କେଦାର ନାଥ ପାତ୍ର ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀର ବହୁ ଦୃଷ୍ଟାନ୍ତ ମୂଳକ ତଥ୍ୟ କହି ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସୁରକ୍ଷା ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେବା ସହିତ ଏହି ଭାରତର ଯୁବ ସମାଜ କି ବିଶ୍ୱକୁ ଭ୍ରାତୃତ୍ୱ, ମୈତ୍ରୀ ଏବଂ ସାମ୍ୟର ଶାଶ୍ୱତ ବନ୍ଧନରେ ବାନ୍ଧି ରଖିପାରିବ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଓମ୍ ବିବେକାନନ୍ଦ ଯୋଗଦେଇ କହିଲେ ଏକ ଉନ୍ନତ, ନୀତିନିଷ୍ଠ, ଚରିତ୍ରବାନ, ଦକ୍ଷ ଏବଂ କର୍ମଠ ମାନବ ସଂଗୁଡ଼ ରାଷ୍ଟ୍ର ନିର୍ମାଣ ପାଇଁ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶ ଏବଂ ଅନୁଚିନ୍ତା ମାଧ୍ୟମରେ ଆଗାମୀ ଯୁବପିଢ଼ିକୁ ଗଢିତୋଳିବାକୁ ହେବ । ଶେଷରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅନୁଷ୍ଠାନର 'ବେଷ୍ଟ ଷ୍ଟୁଡେଂଟ' ଭାବରେ ଶୁଭଲକ୍ଷ୍ମୀ ନନ୍ଦ ଏବଂ 'ବେଷ୍ଟ ଭଲ୍ୟୁଂଟର' ଭାବରେ ତପନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସହନିର୍ଦ୍ଦେଶିକା ସ୍ମିତିସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡି ନାରାୟଣ ପାତ୍ର, ଭୋଳାନାଥ ନାୟକ, ନମିତା ସାହୁ, ବିଘ୍ନରାଜ ମିଶ୍ର, ସତ୍ୟ ସୁନ୍ଦର ରଣା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜୀବନ କୁଅଁର, ଚନ୍ଦନ ପାଙ୍ଗଶାଣୀ ପ୍ରମୁଖଙ୍କ ସମେତ ସ୍ଥାନୀୟ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ ତଥା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ପକ୍ଷରୁ 'ଏକବିଂଶ ଶତାବ୍ଦୀରେ ଆମ ବାଣିଜ୍ୟ ବ୍ୟବସାୟର ପରିବର୍ତ୍ତିତ ରୂପ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଅରୁଣାଞ୍ଚଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜିବ କୁମାର ଜେନା ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରି କହିଥିଲେ ଯେ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଆରୋପ କରାଯିବା ସହ ଆମର ସମସ୍ତ ନିଷ୍ପତ୍ତି ଲୋକାଭିମୁଖୀ ହେବା ଆବଶ୍ୟକ । ଆମର ସମସ୍ତ ଯୋଜନା ସତ୍ତ୍ୱେ ସମାଜରୁ ଅସମତା ଓ ଦାରିଦ୍ର୍ୟ ହଟିବାର ନାଁ ଧରୁନି । ଆମ ଭୋଗବାଦ ସଂସ୍କୃତିରେ ଆମେ ଭବିଷ୍ୟତ ବଂଶଧରଙ୍କ ପ୍ରତି ଅବିଚାର କରୁଛେ । ଆମ ବିକାଶ ପରିବେଶ ଅନୁକୂଳ ହେବା ଦରକାର । ଆଲୋଚନାଚକ୍ରର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱ ବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ପ୍ରବୋଧ କୁମାର ହୋତା କହିଥିଲେ ଯେ ଆମ ଅର୍ଥନୈତିକ ପରିବେଶିକ ଓ ସାମାଜିକ ଲକ୍ଷ୍ୟରେ ସମନ୍ୱୟ ଓ ସଂହତି ରହିଲେ ଆମର ଧାରଣ କ୍ଷମ ଏବଂ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ । ସଂପାନର ବିଷୟ ଉପସ୍ଥାପନ କରିଥିଲେ ଅଧ୍ୟାପକ ଡଃ. ସୁରେଶ ଚନ୍ଦ୍ର ଦାସ । ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଜ୍ଞାନ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁଣବତ୍ତା ନିଶ୍ଚିନ୍ତକରଣ ବିଭାଗ ସଂଯୋଜକ ଡଃ. ପ୍ରମୋଦ କୁମାର ଦାସ, ନାକ୍ ସଂଯୋଜକ ଡଃ. ଜ୍ଞାନୀନ୍ଦ୍ର ଦାଶ ଓ ୟୁଜିସି ସଂଯୋଜକ ଡଃ. ପ୍ରଭାକର ମଲ୍ଲିକ ପ୍ରମୁଖ ସଂପାନ ଉପରେ ବକ୍ତବ୍ୟ ରଖିଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟର ଡଃ. ସାବତ କୁମାର ଡିଗଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଡଃ. ରବିନ୍ଦ୍ର କୁମାର ସ୍ୱାଇଁ, ପ୍ରାଣନାଥ କଲେଜର ସମ୍ବିତ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବାଣିଜ୍ୟ ବିଭାଗର ୱାଇ. ପଦ୍ମାବତୀ, ଆର୍ଯ୍ୟସ୍ମିତା କର, ରଞ୍ଜିତା ଗଡସରା, ବିଭବ କୁମାର ମହାନ୍ତି ପ୍ରମୁଖ ଏହି ସଂପାନକୁ ପରିଚାଳନା କରିଥିଲେ । ଏହି ଆଲୋଚନାଚକ୍ରରେ ପୂର୍ବତନ ଅଧକ୍ଷ ନନ୍ଦକିଶୋର ପରିଡା, ବାଣିଜ୍ୟ ବିଭାଗର ପୂର୍ବତନ ମୁଖ୍ୟ ଡଃ. ଗିରିଶ ପାତ୍ର, ଡଃ. କୈାଳାସ ଚନ୍ଦ୍ର ଲେଙ୍କା, ପ୍ରାଧ୍ୟାପକ ଗୋକୁଳ ଚନ୍ଦ୍ର ଜେନା, ପ୍ରାଧ୍ୟାପକ ତପନ କୁମାର ପତି, ରାମଚନ୍ଦ୍ର ପାତ୍ର, ରଞ୍ଜିତ କୁମାର ଦାସ, ଦେବେନ୍ଦ୍ର ଷଡଙ୍ଗୀ, ଡଃ. ଗୌରପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ, ଡଃ. ରତ୍ନମଞ୍ଜରୀ ଦାସ ଓ ସମ୍ମାନ ବିଭାଗର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଇଂରାଜୀ ବିଭାଗ ଅଧ୍ୟାପିକା ପୂର୍ବାସା ପ୍ରିୟଦର୍ଶିନୀ ଏହି ସଂପାନକୁ ସଂଚାଳନ କରିଥିଲେ ।

# ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ କଲେଜର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟର ଯୁକ୍ତ ୨ ଏବଂ ଯୁକ୍ତି ୩ର ଛାତ୍ରଛାତ୍ରୀମାନେ କଲେଜର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଦୁଇଜଣଙ୍କ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ତିନି ଘଂଟା ଧରି କଲେଜର ମୁଖ୍ୟ ଫାଟକ ନିକଟରେ ଧାରଣା ଦେବା ସହ ରାସ୍ତା ଅବରୋଧ କରିଥିଲେ । ସେହି କଲେଜର ଦୁଇଜଣ ଅଧ୍ୟାପକଙ୍କ ଦୁର୍ବ୍ୟବହାର ବିରୋଧରେ ଛାତ୍ରୀମାନେ ବାରମ୍ବାର ଅଧ୍ୟକ୍ଷକଙ୍କ ଦୃଷ୍ଟିକୁ ଆଣିବା ସତ୍ତ୍ୱେ ଅଧ୍ୟକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର ଛାତ୍ରମାନଙ୍କ ଭିତରେ ଅର୍ଶାଂ ଦେଖାଦେଇଛି । ଏଣୁ ତୁରଂ ଏହି ଦୁଇଜଣ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରାଯାଇଛି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟୟଲେଟ, ମହାବିଦ୍ୟାଳୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ବାର୍ଷିକଉତ୍ସବ, ପାନୀୟଜଳ ବ୍ୟବସ୍ଥା, ସାଇକେଲ ଓ ମୋଟରସାଇକେଲ ଷ୍ଟାଣ୍ଡ, କ୍ୟାଂଟିନ ଓ କ୍ୟାମ୍ପସର ପରିଷ୍କାର ନିମନ୍ତେ ଦାବି କରାଯାଇଛି । ଯଦି ଅଧକ୍ଷ ଏହି ଦାବିର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ଓ ଗଣଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ୟାସିର ନୱାଜ ଏହି ଛାତ୍ରଛାତ୍ରୀଙ୍କ ଦାବିକୁ ସମର୍ଥନ କରିବା ସହ ସେମାନଙ୍କର ଆଜିର ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିହାର ବେହେରା, ବିଶ୍ୱଭୂଷଣ ମହାପାତ୍ର, ରଂଜିତ ସେନାପତି, ନିତେଶ ରଂଜନ ବେହେରା, ମୁନା ପରିଡ଼ା, ସାହରୁଖ ଖାନ, ଦେବବ୍ରତ ମହାଂ, ଶୁଭକାଂ ବେହେରା, ତାପସ ରନ ସ୍ୱାଇଁ, ଆର୍ଯ୍ୟାନ ସାସ୍ମଲ ଙ୍କୁ ଆନ୍ଦୋଳନ ସ୍ଥଳକୁ ପଠାଇଥିଲେ । ଯଦି ମହାବିଦ୍ୟାଳୟ କର୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଦାବିକୁ ଉପେକ୍ଷା କରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି ।

## ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କ ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ବ୍ଲକ ସଂସ୍କୃତିର ଉପସଭାପତିମାନଙ୍କର ବନ୍ଧୁମିଳନ ଓ ବୈଠକ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକର ଉପସଭାପତିମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟର ଯାଜପୁର ଜିଲ୍ଲା ସଂଯୋଜକ ତଥା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ହରିହରି ସ୍ୱାଇଁଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଡାକି ଉପଢ଼ୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରସୁଲପୁର ବ୍ଲକର ଉପସଭାପତି ମୋହନ ଚରଣ ମଲ୍ଲିକ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରେଇ ବ୍ଲକ କଳା ସଂସ୍କୃତିର ଉପସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଧର୍ମଶାଳା ବ୍ଲକ ଉପସଭାପତି ପ୍ରସନ୍ନ କର, ଯାଜପୁର ବ୍ଲକ ଉପସଭାପତି ସନ୍ତୋଷ କୁମାର ପଣ୍ଡା, ବିଞ୍ଝାରପୁର ବ୍ଲକ ଉପସଭାପତି ଅର୍ଜ୍ଜୁନ ଚରଣ ପଣ୍ଡା, ଦଶରଥପୁର ବ୍ଲକ ଉପସଭାପତି ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ରହି କଳା ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରିବା ସହିତ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନକୁ ଲିଖିତ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ଜଣାଇଛନ୍ତି ।

## ରାଜ୍ୟ ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ସଂଘର ବୈଠକ

ବାଲେଶ୍ୱର (ପିଏନ୍)-ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ସଂଘର ୧୬୭ତମ ବୈଠକ ପୁରୀସ୍ଥିତ ନୀଳାଚଳ ଆଶ୍ରମରେ ଲକ୍ଷ୍ମଣକୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ସାଧାରଣ ସଂପାଦକ ମୁରଲିଧର ନାୟକ, ସଂପାଦକ ସନ୍ତୋଷ କୁମାର ମିଶ୍ର, ଶଚିକାନ୍ତ ମିଶ୍ର , ବଳରାମ ପତି, ଗୁରୁ ପ୍ରସାଦ ଦାଶ, ନିରଞ୍ଜନ ପଣ୍ଡା, ହେମନ୍ତ କୁମାର ପଣ୍ଡା, ଜାକିର ହୁସେନ, ସତ୍ୟବ୍ରତ ରାଉତ,ସର୍ବେଶ୍ୱର ମଲ୍ଲିକ, କମଳା କାନ୍ତ ଦାସ, ଡଃ ନମିତା ମହାପାତ୍ର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ୨୦ ଜିଲ୍ଲାରୁ ଶତାଧିକ ଟି.ଜି ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଏଥିରେ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରି ରାଜ୍ୟ ସରକାର ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଦୃଢ଼ ନିନ୍ଦା କରାଗଲା ଏବଂ ଜାତୀୟ ଶିକ୍ଷାଗତ ୨୦୨୦ ଅନୁଯାୟୀ ନୂତନ ପଦବୀ ପାଇଁ ନୂତନ ଏଲିମେଣ୍ଟାରୀ କ୍ୟାଡର ରୁଲ ପ୍ରଚଳନ, ପଦୋନ୍ନତିରେ କୋହଳ ନୀତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ୍ୟଦାନ କରୁଥିବା ଟି.ଜି ଶିକ୍ଷକଙ୍କୁ ୪୨୦୦ ଗ୍ରେଡ୍ ପେ ,ଏବିଇଓ ଓ ୨୦ ବର୍ଷ ଚାକିରୀ କରିଥିବା ଶିକ୍ଷକଙ୍କୁ ୪୬୦୦ ଗ୍ରେଡ୍ ପେ, ୫୦ ପ୍ରତିଶତ ବକେୟା ଦରମା ସହ ଓଆରଏସପି ୨୦୧୭ ଅନୁସାରେ ଘର ଭଡ଼ା ପ୍ରଦାନ, ୨୫୦ ଛାତ୍ର ଛାତ୍ରୀ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀକୁ ଏବିଇଓ ପଦବୀ ଘୋଷଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଏକ ଷ୍ଟାଫିଙ୍ଗ ପାଟର୍ନ ଘୋଷଣା ଓ ପୁରାତନ ପେନସନ୍ ନିତି ପ୍ରଚଳନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା ।ଏହି ଦାବି ଗୁଡ଼ିକୁ ସରକାର ସଚେତନ ନ ହେଲେ ପୂର୍ବ ବର୍ଷ ଭଳି ବିଆଇଡ଼ି ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ସର୍ବ ଶେଷରେ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏସକେୱାଇ କାର୍ଡର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ



ବାଲେଶ୍ୱର (ପିଏନ୍)- ଜିଲ୍ଲାର ବିଭିନ୍ନ ଘରୋଇ ଚିକିତ୍ସାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ)ର ସଫଳ ରୂପାୟନର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ମିଳିତ ଭାବେ ବାଲେଶ୍ୱର ସହରର ମା ତାରିଣୀ ନର୍ସିଂ ହୋମ ଓ କୁରୁଡା ସ୍ଥିତ ଜ୍ୟୋତି ହସପିଟାଲକୁ ଅଚାନକ ପରିଦର୍ଶନ କରିବା ସହିତ ବିଏସକେୱାଇ କାର୍ଡ ଦ୍ୱାରା ରୋଗୀମାନେ କିପରି ଉପକୃତ ହେଉଛନ୍ତି ତହା ପଚାରି ବୁଝିଥିଲେ । ଚିକିତ୍ସାଳୟରେ ଚିକିତ୍ସିତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ହସପିଟାଲ କର୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ପଚାରିବା ସହିତ କୌଣସି ସମସ୍ୟା ଥିଲେ ତାହା ଜଣାଇବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ କହିଥିଲେ । ରୋଗୀମାନଙ୍କୁ ଠିକ ସମୟରେ ଚିକିତ୍ସା, ଔଷଧ, ଖାଦ୍ୟ ଓ ଅନ୍ୟାନ୍ୟ ସେବା ମିଳୁଛି ନା ନାହିଁ,ଏଥି ପାଇଁ କୌଣସି ଅର୍ଥ ନିଆଯାଉଛି କି ଏ ସବୁ ସମ୍ପର୍କରେ ଜିଲ୍ଲାପାଳ ରୋଗୀ ସମ୍ପର୍କୀୟଙ୍କ ଠାରୁ ଅବଗତ ହୋଇଥିଲେ । ବିଏସକେୱାଇ କାର୍ଡ ଜରିଆରେ ରୋଗୀ ଚିକିତ୍ସାଳୟରେ ଭର୍ତି ହେବା ଠାରୁ ଆରମ୍ଭ କରି ଛାଡିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଃଶୁଳ୍କ ସେବା ପାଇବା ପାଇଁ ପ୍ରାବଧାନ ରହିଛି । ଏଥିରେ କୌଣସି ବ୍ୟତିକ୍ରମ ହେଲେ ହସପିଟାଲ କର୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କେତେକ କ୍ଷେତ୍ରରେ ରୋଗୀଙ୍କ ନିକଟରୁ ଅର୍ଥ ଦାବି କରାଯାଇଥିବା ଏବଂ କିଛି ହସପିଟାଲରେ ନମୁନା ପରୀକ୍ଷା (ଲାବୋରଟାରୀ ଟେଷ୍ଟ)ର ସୁବିଧା ନ ଥିବା ଯୋଗୁଁ ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିଥିବା ଜାଣିବାକୁ ପାଇବା ପରେ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ନେଇ ହସପିଟାଲ କର୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବଡ଼ଚଣା କଂଗ୍ରେସର ମିଶ୍ରଣ ପର୍ବ



ଚଣ୍ଡିଖୋଲ (ପିଏନ)-ବଡ଼ଚଣା ବ୍ଲକ କଂଗ୍ରେସ କମିଟି ଆନୁକୁଲ୍ୟରେ ଏକ ମିଶ୍ରଣ ପର୍ବ ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କଲଚରାଲ ସେଣ୍ଟରଠାରେ ବ୍ଲକକଂଗ୍ରେସ ସଭାପତି ଉମେଶ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି. ସିହା ପଂଚାୟତ କଂଗ୍ରେସ ସଭାପତି ପଦ୍ମନାଭ ମହାରଣାଙ୍କ ନେତୃତ୍ୱରେ ସିହା ଗ୍ରାମର ବିଦ୍ୟାଧର ସାହୁ, ଲୋକନାଥ ସାହୁ, ରମେଶ ଜେନା, ଯଶୋବନ୍ତ ସାହୁ, ବଳରାମ ବେହେରା, ମନୋଜ ସେଠୀ, ମହେନ୍ଦ୍ର ସାହୁ, ଶରତ କୁମାର ସାହୁ, ଭରଦ୍ୱାଜ ବିଶ୍ୱାଳ, ଉମେଶ ସାହୁ ପ୍ରମୁଖ ବିଜେଡି ଦଳକୁ ପରିତ୍ୟାଗ କରି ବଡଚଣାର କଂଗ୍ରେସ ନେତା କ୍ୟାପଟେନ ରଜନାରାୟଣ ମହାପାତ୍ର ଙ୍କ ନେତୃତ୍ୱପ୍ରତି ଆସ୍ଥାପ୍ରକଟ କରି କଂଗ୍ରେସ ଦଳରେ ସାମିଲ ହେଇଥିଲେ. ଏହି କାର୍ଯ୍ୟକ୍ରମରେ ବଡଚଣାର କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ କଂଗ୍ରେସ ଉପସଭପତି ପ୍ରଦୀପ୍ତ ମହାନ୍ତି, ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଜୟପ୍ରକାଶ ବିଶ୍ୱାଳ, ଅଶୋକ ସାମଲ, ସୁଶାନ୍ତ ବାହାଲିଆ, ପ୍ରବୀର ବଳ ପ୍ରମୁଖ ଉପସ୍ଥିତ ଥିଲେ । ସିହା ପଂଚାୟତରେ ଯେପରି ଭାବେ ବିଭିନ୍ନ ଉନୟନମୂଳକ କାର୍ଯ୍ୟରେ ଶାସକଦଳର ମୁଖିଆ କର୍ମୀମାନେ ବ୍ୟାପକ ଦୁର୍ନୀତି କରୁଛନ୍ତି ଓ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଆଖିଆଗରେ ରଖି ସାଧାରଣ ଲୋକମାନଙ୍କୁ ଅଣଦେଖା କରୁଛନ୍ତି ଏ ନେଇ ନବୀନ ପଟନାୟକଙ୍କ ନେତୃତ୍ୱକୁ କଡା ସମାଲୋଚନା କରି ନିଖିଳ ଭାରତ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ପ୍ରତି ଦୃଢ ସମର୍ଥନ ଜଣାଇ କଂଗ୍ରେସ ଦଳରେ ସାମିଲ ହେଇଛୁ ବୋଲି ବିଦ୍ୟାଧର ସାହୁ ପ୍ରକାଶ କରିଥିଲେ । କଂଗ୍ରେସ ନେତା କ୍ୟାପଟେନ ମହାପାତ୍ର କଂଗ୍ରେସରେ ସାମିଲ ହୋଇଥିବା ବ୍ୟକ୍ତିମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଖୁଆଇ ସିହା ପଂଚାୟତର ପଂଚାୟତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ ।

# କେନ୍ଦ୍ରାପଡା କଲେଜ ଶିକ୍ଷ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡଃ. ପ୍ରଫୁଲ୍ଲ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ "ଭାରତରେ ଶିଳ୍ପକରଣର ପ୍ରଭାବ" ଶୀର୍ଷକ ବିଷୟ ଉପରେ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ସାଇନାଜ ଖାତୁନ, ଅଧ୍ୟାପିକା ଡଃ. ସୁଷମା ଶତପଥୀ, ମଧୁସ୍ମିତା ସିଂ, ଅନ୍ୱେଷା ମହାଭୋଇଙ୍କ ସମେତ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସେବାରେ ଭାରତୀୟ ସେନା

ପ୍ରତିବର୍ଷ ଆମେ କେତେକ ଆନ୍ତର୍ଜାତିକ ଏବଂ ଜାତୀୟ ଦିବସ ପାଳନ କରୁ । ଯାହା ବିଶ୍ୱ ସମ୍ବନ୍ଧୀୟ ତାହା ଆନ୍ତର୍ଜାତିକ ଦିବସ ଏବଂ ଯାହା ଭାରତ ବା ଆମ ଦେଶ ସମ୍ବନ୍ଧୀୟ ତାହା ହେଉଛି ଜାତୀୟ ଦିବସ । ଏହି ଜାତୀୟ ଦିବସମାନଙ୍କ ମଧ୍ୟରୁ ୧୫ ଜାନୁୟାରୀ ଆମ ଭାରତୀୟମାନଙ୍କ ପାଇଁ ଏକ ଜାତୀୟ ଦିବସ ଯାହାକୁ ଆମେ 'ସେନା ଦିବସ' ରୂପେ ପାଳନ କରୁ । 'ସେନା' କହିଲେ ପଦାତିକ, ଆକାଶ ଏବଂ ନୌସେନାମାନଙ୍କୁ ସାମଗ୍ରୀକ ଭାବେ ବୁଝାଏ । କିନ୍ତୁ ଏଠାରେ 'ସେନା ଦିବସ' କହିଲେ କେବଳ 'ସ୍ଥଳସେନା' ଦିବସ ବୋଲି ଧରି ନେବାକୁ ହେବ ।



୧୫ ଜାନୁୟାରୀଟି ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ୧୫ ଜାନୁୟାରୀ ୧୯୪୯ ମସିହାରେ ସ୍ୱାଧୀନତାପ୍ରାପ୍ତି ପରେ ଆମର ଲେଫ୍‌ଟନା ଜେନେରାଲ କେ.ଏମ୍. କ୍ୟାରିଆପା (କୋଦାନ୍ଦେ ମାଡ଼ାପା କ୍ୟାରିଆପା) ବ୍ରିଟିଶ କମାଣ୍ଡର-ଇନ୍-ଚିଫ୍ ସାର୍ ଫ୍ରାନ୍‌ସିସ୍ ବଚରଙ୍କ ଠାରୁ ଦାୟିତ୍ୱ ଗ୍ରହଣ



କରିଥିଲେ । କ୍ୟାରିଆପା ହେଉଛନ୍ତି ଭାରତୀୟ ପଦାତିକବାହିନୀର ସ୍ୱାଧୀନତା ପରେ ପ୍ରଥମ ଭାଗରେ କମାଣ୍ଡର-ଇନ୍-ଭାରତୀୟ ଚିଫ୍ । ଏଣୁ ଏହି ଦିବସଟି ତାଙ୍କ ପାଇଁ ଏକ ସ୍ମୃତି ତଥା ଯେଉଁ ଅମର ଯବାନମାନେ ଏ ଦେଶ ପାଇଁ ବୀରତ୍ୱ ଓ ସାହସିକତାର ସହ ପ୍ରାଣବଳୀ ଦେଇଛନ୍ତି/ଦେଉଛନ୍ତି। ସେମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଏହି ୧୫ ଜାନୁୟାରୀ ଦିବସଟି ଆମ ସେନା ଦିବସ ରୂପେ ପାଳନ କରୁଅଛୁ ।

ଏହି ଦିବସଟିରେ ଭାରତର ରାଜଧାନୀ ଦିଲ୍ଲୀ ଏବଂ ସମସ୍ତ ମୁଖ୍ୟ ହେଡ୍‌କ୍ୱାର୍ଟର୍ସମାନଙ୍କରେ ସାମରିକ ପରେଡ଼ ଓ କଳା-କୌଶଳ ମାନ ପ୍ରଦର୍ଶନ କରାଯାଇଥାଏ । ଏହି ଅବସରରେ ଇଣ୍ଡିଆଗେଟ୍ ଦିଲ୍ଲୀ ଠାରେ ଥିବା 'ଅମର ଯବାନ ଜ୍ୟୋତି' ପ୍ରତି ପ୍ରଥମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସ୍ମୃତି ତର୍ପଣ କରାଯାଏ । ଏହାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁରୁହେ । ଏହି ଅନ୍ୟାନ୍ୟ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଅଛି ସୈନିକମାନଙ୍କୁ 'ସାହସୀ ପଦକ' (Unit credintials and Sena medal) ପ୍ରଦାନ । ଏହିଦିନ ଜାମ୍ମୁ ଓ କାଶ୍ମୀରରେ ମଧ୍ୟ ବଛା ବଛା କିଛି ସୈନିକଙ୍କୁ 'ସେନା ମଡେଲ' ଓ 'ବିଶିଷ୍ଟ ସେନା ମେଡାଲ' ପ୍ରଦାନ କରାଯାଏ ।

ଭାରତୀୟ ସେନା ଯେ କୌଣସି କଠିନ ଏବଂ ଦୁଃସାଧ୍ୟ ପରିସ୍ଥିତିରେ ଯୁଦ୍ଧ ପାଇଁ ସଦା ପ୍ରସ୍ତୁତ । କେବେ କେବେ ଧୂ ଧୂ ଖରାରେ ତତଲାବାଲିରେ ମରୁଭୂମିରେ ତ, କେତେବେଳେ ସୁ-ଉଚ୍ଚ ବରଫାବୃତ ସିଆଚୀନ୍ ଅଞ୍ଚଳରେ; କେବେ ପୁଣି ଇଣ୍ଡୋ-ଚୀନ୍ ସୀମାରୁ ଭୁଟାନ୍ ଅଞ୍ଚଳର 'ଡୋକଲାମ' ବିବାଦୀୟ ସୀମାରେ ସେମିତି ଇଣ୍ଡୋପାକ ଏବଂ ଇଣ୍ଡୋ-ବଙ୍ଗଳାଦେଶ ସୀମାରେ ତାଙ୍କ ପଇଁତରା ବା ପହରା । ଜୀବନକୁ ନାହିଁ ଭୃକ୍ଷେପ, ମୃତ୍ୟୁକୁ ନାହିଁ ଭୟ । ଆତ୍ମୀୟମାନଙ୍କକ ଠାରୁ ଦୂରେଇ ରହି ଏବଂ ସେମାନଙ୍କୁ ଭୁଲି ବ୍ରତ ଖାଲି ଦେଶମାତୃକାର ସେବା: ମାରେ ଅବା ମରେ; କରେ ନୋହିଲେ ଡରେ । ମୋ ଦେଶ ମହାନ୍ । ସେମାନେ ଏ ଦେଶର ସଜାଗ ପ୍ରହରୀ ।

ଦେଶରକ୍ଷାରେ ଯୁଦ୍ଧ ତାଙ୍କ ବ୍ରତ । ତା' ବ୍ୟତୀତ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂପାତ ସୁନାମୀ, ଅଗ୍ନିଉତ୍ପାତ ଏବଂ ଏମିତି ଯାହାକିଛି ବିପତ୍ତି ବେଳେ ମାନବୀୟ ସେବା, ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟକୁ ସେମାନେ ଛିଡ଼ା । ବିଶ୍ୱଶାନ୍ତି ପାଇଁ ଜାତିସଂଘ ଡାକରାରେ ସଦା ତିଆର । ସଂପର୍କର ସେତୁରେ ଅନ୍ୟଦେଶ ସୈନ୍ୟଙ୍କ ସହ ସେମାନଙ୍କର ସମରାଭ୍ୟାସ, ଗଣ୍ଡଗୋଳ, ଦଙ୍ଗା ହଙ୍ଗମା, କନ୍ଦଳ ଆନ୍ଦୋଳନ, ହଟ୍ଟଗୋଳ କି ହରତାଳ ବେଳେ ଶାନ୍ତି ଓ ସୁଧାର ପାଇଁ ସେମାନେ ତତ୍‌କାଳିକ ମୁହୂର୍ତ୍ତରେ ଛିଡ଼ା ଏମିତିରେ ସେମାନଙ୍କ ସେବାକୁ ଭଣିବାରେ ଭାଷା ନାହିଁ ।

ଭାରତ ସ୍ୱାଧୀନତା ପରଠୁ ଅନେକବାର ଯୁଦ୍ଧ ଦେଖିଛି । ସେଥିମଧ୍ୟରୁ ଭାରତ-ପାକ୍ ଯୁଦ୍ଧ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ କାର୍ଗିଲ ଯୁଦ୍ଧ । ଚୀନ୍ ସହ ୧୯୬୨ ଓ ୧୯୬୭ର ଯୁଦ୍ଧ । ଏହା ବ୍ୟତୀତ ୧୯୫୯ର ତିବ୍ବତ ବିଦ୍ରୋହ, ୧୯୮୪ର ସୂର୍ଣ୍ଣ ମନ୍ଦିର ବିଦ୍ରୋହରେ ବିଦ୍ରୋହୀ ସାମ୍ନା କରିଛି ଭାରତୀୟ ସେନା, ସେମିତି ସଂସଦଭବନ ଆକ୍ରମଣ ଠାରୁ ଆରମ୍ଭ କରି ଅନେକ କିଛି ସାମ୍ନା କରିଛି ଭାରତୀୟ ସେନା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୨୯ ସେପ୍ଟେମ୍ବର ୨୦୧୬ ରାତିରେ ପିଓକେର ଥିବା ଆତଙ୍କବାଦୀ ପ୍ରତି ସର୍ଜିକାଲ ଷ୍ଟ୍ରାଇକ୍ ।

ଭାରତୀୟ ସେନା ତା'ର ସୈନ୍ୟବଳ ଏବଂ ଅସ୍ତ୍ରଶସ୍ତ୍ରରେ ବେଶ୍ ଆଗାଇଛି । ସେପ୍ଟେମ୍ବର ୨୦୧୫ର ଏକ ଆକଳନରୁ ତା' ସୈନ୍ୟ ସାମର୍ଥ୍ୟ (ଅବଶ୍ୟ ତିନିବାହିନୀ ନେଇ) ସ୍ଥିତି ଏହିପରି ?

**ସକ୍ରିୟ ସେନା:** ୧୩.୨୫ ଲକ୍ଷ, **ବିମାନ:** ୧୯୦୫, **ଯୁଦ୍ଧବିମାନ:** ୭୬୧, **ହେଲିକପ୍ଟର:** ୫୮୪, **ଟ୍ୟାଙ୍କ:** ୬୪୬୪, **ଯୁଦ୍ଧଜାହାଜ:** ୨୦୨, **ବିମାନବାହିନୀ ଜାହାଜ:** ୨, **ବୁଡ଼ାଜାହାଜ:** ୧୫, **ପରମାଣୁ ବୋମା:** ୯୦-୧୦୦, **ଶକ୍ତିଶାଳୀ କ୍ଷେପଣାସ୍ତ୍ର:** ଅଗ୍ନି-୫ । ଭାରତର ସ୍ଥଳସେନାରେ ନିୟୋଜିତ ମାରଣାସ୍ତ୍ର ମଧ୍ୟରେ ଅଛନ୍ତି : ସୁଖୋଇ-୩୦, ଏୟାରବର୍ଣ୍ଣ ୱାର୍ଣ୍ଣିଂ ବ୍ୟାଣ୍ଡ କଣ୍ଟ୍ରୋଲ ସିଷ୍ଟମ, ଭୀଷ୍ମଟ୍ୟାଙ୍କ, ବ୍ରହ୍ମାଣ୍ଡ କ୍ଷେପଣାସ୍ତ୍ର; ଅଗ୍ନି-୧, ସି-୧୩୦, ପିନାକ; ନାଗ; ଅର୍ଜୁନ ଟ୍ୟାଙ୍କ, ବରାକ-୮ କ୍ଷେପଣାସ୍ତ୍ର ଏବଂ ଆହୁରି ଅନେକ ।

ଏବେ ନିକଟରେ ଇଣ୍ଡିଆନ୍ ଏୟାରଫୋର୍ସର ମାର୍ଶାଲ ଘୋଷଣା କରିଛନ୍ତି ଯେ ଆମ ଚିରାଚରିତ ଶତ୍ରୁ ପାକିସ୍ତାନ ଓ ଚୀନ ଯଦି ଏକ ସମୟରେ ଆମକୁ ଆକ୍ରମଣ କରନ୍ତି ତେବେ ଭାରତର ସୈନ୍ୟବଳ ଯେକୌଣସି ପରିସ୍ଥିତିରେ ସେମାନଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ । ଏଥିରୁ ଆମ ସୈନ୍ୟବଳର ଦକ୍ଷତା ଓ ସାମର୍ଥ୍ୟ ନେଇ କିଛି ବି ପ୍ରଶ୍ନ କରିବାର ନାହିଁ । ଭାରତୀୟ ସେନା ଆମ ଦେଶର ଜାଗ୍ରତ ପ୍ରହରୀ । ସେମାନେ ତାଙ୍କ ସେବା ଓ ଜୀବନ ବିନିମୟରେ ଆମକୁ ଦେଇଛନ୍ତି ଶାନ୍ତି, ସୁଖସୁପ୍ତି, ନିରାପତ୍ତା ଏବଂ ନିଶ୍ଚିତ ନିଶ୍ଚିନ୍ତତା । ହେ ବୀର ପୁଙ୍ଗବ, ତୁମ ସାହସ ଓ ବୀରତ୍ୱର ତୁଳନା ନାହିଁ । ତୁମେ ସଦା ପ୍ରଣମ୍ୟ । ଜୟ ଯବାନ ।

**ବିପିନବିହାରୀ ମହାନ୍ତି**

*ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟରେ କେନ୍ଦ୍ରାପଡା କଲେଜ ଓ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ମଧ୍ୟରେ ଶୈକ୍ଷିକ ଓ ବୈଷୟିକ ଜ୍ଞାନ ବୃଦ୍ଧି ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି । ଏହି ସଭାରେ ସୃଷ୍ଟି ଏକାଡେମୀ ପରିଚାଳନା ସମିତି ଅଧକ୍ଷ ଇଂ ସରୋଜ କୁମାର ସାହୁ ତାଙ୍କ ବକ୍ତବ୍ୟରେ ମଣିଷ କୃତିରେ ବଞ୍ଚେ ଓ କାର୍ଯ୍ୟ ହେଉଛି ମଣିଷର ଅସଲ ପରିଚୟ ବୋଲି କହିଥିଲେ । ଉଭୟ ଅନୁଷ୍ଠାନ ମଧ୍ୟରେ ସମସ୍ତ ପ୍ରକାର ସହଯୋଗ ପ୍ରତିଷ୍ଠା ପାଇଁ ସେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆମର ଉଦ୍ୟୋଗ କଳାଟି ଅତ୍ୟନ୍ତ ଦୁର୍ବଳ ଏବଂ ଏହି ଦକ୍ଷତାର ବିକାଶ ପାଇଁ ସେ ଆହ୍ୱାନ ଦେଇଥିଲେ । ସୃଷ୍ଟି ଏକାଡେମୀ କିଛିବର୍ଷ ମଧ୍ୟରେ କିଭଳି ବିକାଶର ରାଜରାସ୍ତାରେ ପହଞ୍ଚିଛି ତାହାର ସୂଚନା ପ୍ରଦାନ କରିଥିଲେ । ଏକାଡେମୀର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ତାଙ୍କ କାର୍ଯ୍ୟକଳାପ କେବଳ ବୁଝାମଣା ସ୍ୱାକ୍ଷରରେ ଶେଷ ନହୋଇ କାର୍ଯ୍ୟରେ ପରିଣତ ହେଉ ବୋଲି କହିଥିଲେ । ପୁଣି ସେ କହିଥିଲେ ଯେ ଯୋଡାକୁ ଘୋଡା ସରି ନୁହେଁ ନ୍ୟାୟରେ ଦୁଇ ଅନୁଷ୍ଠାନ ଯୋଡି ହେଲେ ଉଭୟ ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଭାବ ଓ କଳାକୌଶଳର ଆଦାନ ପ୍ରଦାନ ଦୁଇ ଅନୁଷ୍ଠାନକୁ ସମୃଦ୍ଧ କରିବ । ଚାକିରୀ କରିବା ଅପେକ୍ଷା ଚାକିରୀ ପାଇଁ ସୁଯୋଗ ସୃଷ୍ଟି କରିବା ଅଧିକ ଗୁରୁତ୍ୱପୁର୍ଣ୍ଣ ବୋଲି ସେ କହିଥିଲେ । କଲେଜ ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ରାଜିନାମାକୁ ସ୍ୱାଗତ କରିଥିଲେ । ନାକ୍ ସଂଯୋଜକ ଡଃ. ଜ୍ଞାନୀନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାର ପ୍ରାସଂଗିକତା ଉପରେ ମତ ରଖିଥିଲେ ପ୍ରାଧ୍ୟାପକ ତପନ କୁମାର ପତି । ଆଭ୍ୟନ୍ତର ଗୁଣବତ୍ତା ଦୃଢୀକରଣ ସଂଯୋଜକ ଡଃ. ପ୍ରମୋଦ କୁମାର ଦାସ ଗୁଣବତ୍ତାକୁ ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସୃଷ୍ଟି ଏକାଡେମୀର ସଦସ୍ୟ ଜିତେନ୍ଦ୍ର ନାରାୟଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ କରୋନା ନିୟମ ଅନୁପାଳନ ପୂର୍ବକ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ସଭାକୁ ଇଂରାଜୀ ବିଭାଗ ଅଧ୍ୟାପିକା ପୁର୍ବାଶା ପ୍ରିୟଦର୍ଶିନୀ ସଂଚାଳନ କରିଥିଲେ ।




# ମିଶନାରୀ ସଂସ୍ଥାକୁ ଆର୍ଥିକ ସହାୟତା ଘଟଣାକୁ ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାର ମିଶନାରୀ ଅଫ୍ ଚାରିଟି ସଂସ୍ଥାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୮ ଲକ୍ଷ ୭୬ ହଜାର ଟଙ୍କାର ସହାୟତା ଦେବାକୁ ଘୋଷଣା କରିଥିବାରୁ ଏ ବିଷୟକୁ ନେଇ ବିଶ୍ୱହିନ୍ଦୁ ପରିଷଦ ଓଡିଶା, ହିନ୍ଦୁ ଜାଗରଣ ମଂଚ ଓଡିଶା ଓ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସଭାପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ନେତୃତ୍ୱରେ ପରିଷଦର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଆନନ୍ଦ କୁମାର ପାଣ୍ଡେ, ହିନ୍ଦୁ ଜାଗରଣ ମଂଚର ସଭାପତି ଅଜିତ କୁମାର ପଟ୍ଟନାୟକ ଏବଂ ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସାଧାରଣ ସଂପାଦକ ଚନ୍ଦ୍ରକାନ୍ତ ନାଥଙ୍କ ସମେତ ଏକ ୪ ଜଣିଆ ପ୍ରତିନିଧି ମଣ୍ଡଳ ଓଡିଶାର ରାଜଭବନରେ ମହାମହିମ ରାଜ୍ୟପାଳଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମାନ୍ୟବର ରାଜ୍ୟପାଳ ଉକ୍ତ ବିଷୟରେ ହସ୍ତକ୍ଷେପ କରି ମୁଖ୍ୟମନ୍ତ୍ରୀଙ୍କର ସଂବିଧାନ ବିରୋଧୀ ପଦକ୍ଷେପକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ନେବା ସହିତ ଭବିଷ୍ୟତରେ ଏଭଳି ସମ୍ବିଧାନ ଓ ସମାଜ ବିରୋଧୀ କାର୍ଯ୍ୟ ଯେପରି ନ ହୁଏ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବା ପାଇଁ ପ୍ରତିନିଧିମଣ୍ଡଳ ଅନୁରୋଧ କରିଛନ୍ତି ।

ରାଜ୍ୟପାଳଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡିଶା ଏକ ହିନ୍ଦୁବହୁଳ ରାଜ୍ୟ, ଯେଉଁଠାରେ ବିଭିନ୍ନ ସଂପ୍ରଦାୟ ଓ ଭାଷାଭାଷୀ ଲୋକମାନେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ରହି ଆସୁଛନ୍ତି । ବେଳେବେଳେ ଅନ୍ୟ ସଂପ୍ରଦାୟର ବିଚ୍ଛିନ୍ନତାବାଦୀ ମାନସିକତା ଆମ ସମାଜକୁ ବିଶୃଙ୍ଖଳା ମଧ୍ୟକୁ ଠେଲିଦେଉଛି; ଉଦାହରଣସ୍ୱରୂପ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଭଦ୍ରକ ଦଙ୍ଗା ଇତ୍ୟାଦି, ଯାହା ଅନ୍ୟ ସଂପ୍ରଦାୟର ବହୁ ସଂଖ୍ୟକଙ୍କ ଉପରେ ଅତ୍ୟାଚାରର ନିଦର୍ଶନ ଓ ସରକାରୀ ପ୍ରୋତ୍ସାହନ ଇତ୍ୟାଦିର ପ୍ରମାଣ ଦେଇଥାଏ । ନିକଟରେ ନିଜକୁ ସ୍ୱଚ୍ଛ ନିର୍ମଳ ଓ ଧର୍ମନିରପେକ୍ଷ କହି ଡିଣ୍ଡିମ ପିଟୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଖ୍ରୀଷ୍ଟିଆନ ସଂସ୍ଥାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୮,୭୬,୦୦୦ ଟଙ୍କା ଅନୁଦାନ ଦେବା ତାଙ୍କର ହିନ୍ଦୁବିରୋଧୀ ଏବଂ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ ପ୍ରୋତ୍ସାହନ ଦେବାର ମାନସିକତାକୁ ପଦାରେ ପକାଇ ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଗରିବ ନିରୀହ ଲୋକମାନେ ଦରଖାସ୍ତ କରି ନିଜର ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ କିଛି ପାଇପାରନ୍ତି ନାହିଁ । ଏହି ପାଣ୍ଠି କେବଳ ଜାତୀୟ ଦୈବୀଦୁର୍ବିପାକ ସମୟରେ ବ୍ୟବହୃତ ହୋଇଥାଏ । କିନ୍ତୁ ଏଠାରେ ବିନା ଦରଖାସ୍ତରେ ଅନାବଶ୍ୟକ ଭାବେ ଖ୍ରୀଷ୍ଟିୟ ସଂସ୍ଥାକୁ ଅନୁଦାନ ଦେବା ଆଦୌ ଗ୍ରହଣୀୟ ନୁହେଁ । ଏହା ଏକ ନିର୍ବାଚନୀ ଚାଲ ଓ ଭୋଟ ହାତେଇବା ରାଜନୀତି ପରି ମନେହୁଏ ।

ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ତ ଧର୍ମ ସଂପ୍ରଦାୟ ସମାନ ହେବା ଦରକାର ହିନ୍ଦୁ ସଂଗଠନମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାମାନଙ୍କୁ ଚାଉଳ (ରାସନ)ବନ୍ଦ କରୁଥିବା ମୁଖ୍ୟମନ୍ତ୍ରୀଙ୍କର ଖ୍ରୀଷ୍ଟିଆନ୍ ସଂସ୍ଥାପ୍ରତି ଅନୁଗ୍ରହ କାହିଁକି ? ଉଦାହରଣସ୍ୱରୂପ କନ୍ଧମାଳ ଜିଲ୍ଲା ଜଳେଶପଟ୍ଟା କନ୍ୟାଶ୍ରମର ରାସନ୍ ବନ୍ଦ କରିବା।। ବନବାସୀ, ହିନ୍ଦୁମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଦରଦ ନାହିଁ । କିନ୍ତୁ ଖ୍ରୀଷ୍ଟିଆନ୍ ସଂସ୍ଥାକୁ ଦରଦ ଦେଖାଇବା ସଙ୍ଗେ ସଙ୍ଗେ ଜିଲ୍ଲାପାଳମାନଙ୍କ ପାଖକୁ ପଠାଯାଇଥିବା ଚିଠିକୁ କଦର୍ଥ କରି ମିଶନାରୀ କାର୍ଯ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ସମାଜ ବିରୋଧି କାର୍ଯ୍ୟ ପରିମନେ ହୁଏ । କ'ଣ ଏଇ ରୁଗ୍ଣମାନସିକତା କାରଣରୁ ମାନ୍ୟବର ଜଜ୍ ଏ.ଏସ୍ ନାଇଡୁ ଓ ମାନ୍ୟବର ଜଜ୍ ପାଣିଗ୍ରାହୀଙ୍କର କମିଶନ୍ ରିପୋର୍ଟକୁ ଚାପି ରଖାଯାଇଛି କି ?

କରୋନା ସମୟରେ ସାଧୁସନ୍ଥ ମଠ ମନ୍ଦିରମାନ ବହୁ ଆର୍ଥିକ ଅନାଟନର ସମ୍ମୁଖୀନ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଗଲା ନାହିଁ । କିନ୍ତୁ ବିନା ଦରଖାସ୍ତରେ ମିଶନାରୀଜ୍ ଅଫ୍ ଚାରିଟି ନାମକ ଖ୍ରୀଷ୍ଟିୟ ସଂସ୍ଥାକୁ ଅର୍ଥ ପ୍ରଦାନ କରି ପ୍ରୋତ୍ସାହନ ଦେବା ଏକ ରାଜନୈତିକ ଷଡଯନ୍ତ୍ର ପରି ମନେହେଉଛି ।

# ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଆମ୍ରି ହସ୍ପିଟାଲ ପରିଦର୍ଶନ



ଭୁବନେଶ୍ୱର (ପିଏନ୍): ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ପରିଦର୍ଶନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହାୟତାରେ ଚିକିତ୍ସିତ ହେଉଥିବା ହରଷ ବରାଡ, ଧୂରେନ୍ଦ୍ର ଲାଲ ସିଂହଦେଓ ଓ ନରସିଂହ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଡାକ୍ତରଖାନାରେ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଡାକ୍ତରୀ ପରିଚାଳନା ବ୍ୟବସ୍ଥାରେ ଚିକିତ୍ସିତ ହେଉଥିବା ଅବଗତ ହେବା ସହିତ ରୋଗୀମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଯଥାକ୍ରମେ ମାନସ ରଂଜନ ପ୍ରଧାନ, ଡା. ସୁନିଲ କୁମାର ପାତ୍ର (ନ୍ୟୁରୋ ସର୍ଜନ), ଡା. ପ୍ରତାପ ବେହେରା (ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି)ଙ୍କ ସହିତ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସାର ଅଗ୍ରଗତି ସଂପର୍କରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ପଚାରି ବୁଝିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲ୍‌ଥ କାର୍ଡ ଜରିଆରେ ବିନା ଦେୟରେ ଆମ୍ରି ଭଳି ଏକ ଅତ୍ୟାଧୁନିକ ସୁବିଧା ଥିବା ଡାକ୍ତରଖାନାରେ ଚିକିତ୍ସିତ ହୋଇ ସେମାନେ ଆନନ୍ଦ ଲାଭ କରୁଛନ୍ତି ଓ ଶୀଘ୍ର ଭଲ ହେବାର ଆଶା କରୁଥିବା ସେମାନେ ଜିଲ୍ଲାପାଳଙ୍କ ନିକଟରେ ପ୍ରକାଶ କରିଥିଲେ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଏଭଳି ସୁବିଧା କରିଥିବାରୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ବ୍ୟବସ୍ଥା ଅନୁସାରେ ପୁରୁଷ ରୋଗୀଙ୍କ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ମହିଳାମାନଙ୍କ କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ବିନା ଦେୟରେ ଏଭଳି ଡାକ୍ତରଖାନାରେ ଚିକିତ୍ସା ସୁବିଧା ରହିଥିବା ଜିଲ୍ଲାପାଳ ପ୍ରକାଶ କରିବା ସହିତ ଚିକିତ୍ସାଜନିତ କୌଣସି ଅସୁବିଧା ଅନୁଭବ କଲେ ସେମାନେ ଡାକ୍ତରଖାନାରେ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଡାକ୍ତରୀ ପରିଚାଳନା ବ୍ୟବସ୍ଥା ଏବଂ ଡାକ୍ତରଖାନା କର୍ତୃପକ୍ଷ ତଥା ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ଶ୍ରୀ ମହାପାତ୍ର ସେମାନଙ୍କୁ କହିଥିଲେ ।

## ଅନ୍ୱେଷଣ ଥିଏଟର ଗ୍ରୁପ ତରଫରୁ ମିହିର ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର (ପିଏନ୍): ବିଶିଷ୍ଟ ସିନେ ଅଭିନେତା ମିହିର ଦାସଙ୍କ ବିୟୋଗରେ ଅନ୍ୱେଷଣ ଥିଏଟର ଗ୍ରୁପ ଯାଜପୁର ପକ୍ଷରୁ ଅନୁଷ୍ଠାନ କାର୍ଯ୍ୟାଳୟ (ସପନପୁର) ଠାରେ ସଭାପତି ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ଅନୁଷ୍ଠାନର ସଦସ୍ୟ, ସଦସ୍ୟା ଓ କର୍ମକର୍ତ୍ତାମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ଏହି ମହାନ୍ ଅତ୍ମାର ଜୀବନଶୈଳି ଓ କଳାର ପାରଦର୍ଶୀତା ଉପରେ ସମସ୍ତ ସଦସ୍ୟ ସଦସ୍ୟମାନେ ବକ୍ତବ୍ୟ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ଉପ-ସଭାପତି ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ଜେନା, ସଂଗଠନ ସମ୍ପାଦକ ବୈଦ୍ୟନାଥ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ନିର୍ଦ୍ଦେଶକ ପ୍ରଶନ୍ନ ବିଶ୍ୱାଳ, ନିର୍ଦ୍ଦେଶକ ଅନିଲ କୁମାର ଜେନା, ଇଚ୍ଛାମୟୀ ଧଳ, ସମରଜିତ୍ ମହାନ୍ତି, ସମାଜସେବୀ ତାରାକାନ୍ତ ମଲ୍ଲିକ୍, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ଏହି ଶ୍ରଦ୍ଧାଞ୍ଜଳି ସଭାକୁ ସଂଚାଳନ କରିଥିଲେ ।

# ସରକାରଙ୍କ ବିଦ୍ୟୁତ ସେବା ଧୂଆଁବାଣ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ବିଦ୍ୟୁତ ବଣ୍ଟନ ଦାୟୀତ୍ୱ ଟାଟା କମ୍ପାନୀ ନେଇଥିବା ବେଳେ ରାଜ୍ୟ ସରକାର ଓଡିଶାରେ ବିଦ୍ୟୁତ ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ରାଜ୍ୟ ସରକାର ନିଜ ବଜେଟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ପ୍ରାୟ ୫ହଜାର କୋଟି ଟଙ୍କାରେ ଯେଉଁ ସବଷ୍ଟେସନ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ସେ ଅର୍ଥ ହେଉଛି ଲୋକଙ୍କ ଟିକସ ଅର୍ଥ । ତାହା ସେବା ବଦଳରେ ଧୂଆଁବାଣ ସଦୃଶ ବୋଲି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶ କହିଛନ୍ତି । ସରକାରଙ୍କ ଶକ୍ତି ବିଭାଗ ଥାଇ ଟାଟା କମ୍ପାନୀକୁ ମଧ୍ୟସ୍ଥ କରିବା ପାଇଁ ସୁଯୋଗ ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ । ଓଡିଶା ଭଳି ଗରୀବ ରାଜ୍ୟର ଲୋକଙ୍କଠାରୁ ବକେୟା ବିଦ୍ୟୁତ ଦେୟ ଆଦାୟ ପାଇଁ ଗୋଟିଏ କମ୍ପାନୀ ହାତକୁ ଦାୟିତ୍ୱ ଟେକିଦେବା, ସୌଭାଗ୍ୟ ଯୋଜନାରେ ଗରୀବ ଲୋକଙ୍କୁ ହଜାର ହଜାର ଟଙ୍କାର ଅଧିକ ଭୁଲ ବିଲ ପ୍ରଦାନ କରି ଉପଭୋକ୍ତାଙ୍କୁ ମାନସିକ କଷ୍ଟ ଦେଉଥିବା ଶ୍ରୀ ଦାଶ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେବି କୌଣସି ସୁଫଳ ମିଳୁନଥିବା ସେ କହିଛନ୍ତି । ବିନା ନୋଟିସରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ, ଅଧିକାଂଶ ବିଦ୍ୟୁତ ସବଷ୍ଟେସନରେ ଆବଶ୍ୟକତା ଅନୁଯାଇ ସରଞ୍ଜାମ ନଲଗାଇବା ଯୋଗୁଁ ଟ୍ରାନ୍ସଫରମର ପୋଡିଯିବା, ଲୋ ଭୋଲଟେଜ ସାଙ୍ଗକୁ କରୋନା ମହାମାରୀ ସମୟରେ ବର୍ଷକୁ ବାରମ୍ବାର ବିଦ୍ୟୁତ ଦେୟ ବୃଦ୍ଧି, ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ରାସ୍ତାରେ ଶୋଇଥିବା ଯୋଗୁଁ ଧନଜୀବନ କ୍ଷୟକ୍ଷତି ହେଉଥିବା ଶ୍ରୀ ଦାଶ ଅଭିଯୋଗ କରିଛନ୍ତି । ଅନ୍ୟ ରାଜ୍ୟରେ ୨ଶହ ୟୁନିଟ ପର୍ଯ୍ୟନ୍ତ ରାଜ୍ୟ ସରକାର ମାଗଣା ବିଦ୍ୟୁତ ଯୋଗାଇ ଦେଉଥିବା ବେଳେ ଓଡିଶାରେ କମ୍ପାନୀ ମାଧ୍ୟମରେ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି ବୋଲି ଶ୍ରୀ ଦାଶ କହିଛନ୍ତି । ଏହା ରାଜ୍ୟର ଜନସାଧାରଣଙ୍କ ପାଇଁ ଉପହାସ ଏବଂ ଏଥିପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି ।

# ଓଡିଶାରୁ କୋଟିଆକୁ କେହି ନେଇ ପାରିବେ ନାହିଁ




ଭୁବନେଶ୍ୱର (ପିଏନ୍)- 'ସମୀକ୍ଷା ଆମ ସମୟର' 'ସାପ୍ତାହିକ ସମ୍ବାଦପତ୍ର'ର ୧୬ତମ ବାର୍ଷିକୋତ୍ସବ ଓ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଷ ଚନ୍ଦ୍ର ସିଂ ଯୋଗଦେଇ ଓଡିଶାରୁ କୋଟିଆକୁ କେହି ନେଇପାରିବେ ନାହିଁ ବୋଲି କହିଛନ୍ତି । ଆନ୍ଧ୍ର ସୀମାନ୍ତବର୍ତ୍ତୀ କୋଟିଆ ଆନ୍ଧ୍ର ପ୍ରଦେଶ ଅଧିନକୁ ଚାଲିଯିବ ବୋଲି କେତେକ ମହଲରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତ୍ତିହୀନ ବୋଲି ସେ କହିଛନ୍ତି । ତେଣୁ ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଗଣମାଧ୍ୟମ ଏକ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଜୟଦେବ ଭବନଠାରେ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ସୂଚନା କମିଶନର ଜଗଦାନନ୍ଦ ଉତ୍ସବକୁ ଉଦ୍ଘାଟନ କରି ତୃଣମୂଳ ସ୍ତରରେ ଥିବା ସଂବେଦନଶୀଳ ସମସ୍ୟାଗୁଡିକୁ ସଂବାଦପତ୍ର ମାଧ୍ୟମରେ ଲୋକଲୋଚନକୁ ଅଣାଯିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ତଥା 'ବଡ ଖବର'ର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁପ୍ତ ଜନତାଙ୍କୁ ଜାଗ୍ରତ କରିବା ଗଣମାଧ୍ୟମର ପ୍ରଧାନ ଦାୟିତ୍ୱ ବୋଲି ମତ ପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବାପି ମିଶ୍ର ଯୋଗ ଦେଇ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଲୋକଲୋଚନକୁ ଆଣିବା ଗଣମାଧ୍ୟମର କର୍ତ୍ତବ୍ୟ ବୋଲି କହିଥିଲେ । ଏହି ଅବସରରେ 'ସମୀକ୍ଷା'ର ଏକ ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ସଭାରେ 'ସମୀକ୍ଷା'ର ସମ୍ପାଦକ ଡଃ ମହେଶ୍ୱର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୫ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକା ଦେବସ୍ମିତା ମହାନ୍ତି ମାନପତ୍ର ପାଠ କରିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ସାମ୍ବାଦିକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**

MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**

MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ପବିତ୍ର ଶାମ୍ବ ଦଶମୀ ତଥା ଜାତୀୟ ଯୁବ ଦିବସ ଅବସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପତ୍ରିକାର ସମ୍ପାଦକ ଡ. ଲେନିନ୍ ମହାନ୍ତିଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଲେନିନ୍ ମହାନ୍ତିଙ୍କୁ ଉତ୍କଳ ସମ୍ମିଳନୀ ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଂଜନ ଦାଶ ଓ ନିମାଇଁ ଚରଣ ଦାସ, ଉପ-ସଭାପତି ବିଚିତ୍ର କୁମାର ବଡଜେନା ଓ ଡ. ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ବିଭୁତି ମିଶ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟନିର୍ବାହୀ ସଦସ୍ୟ ମହେଶ୍ୱର ବିଶ୍ୱାଳ ଓ ବଂଶିଧର ଭୋଇ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କାର୍ଯ୍ୟକ୍ରମରେ ଭାଗନେଇଥିଲେ ।

## ଶ୍ରୀବଳଦେବଜୀଉଙ୍କ ମନ୍ଦିର ବେଢାରେ ଥିବା ଭୋଗ ଦୋକାନ ନିଲାମ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ବେଢା ମଧ୍ୟରେ ଥିବା ଅମଣିହା ଭୋଗ ଦୋକାନକୁ ପୂର୍ବ ନିର୍ଦ୍ଧାରିତ ନୋଟିସ ଅନୁସାରେ ଆସନ୍ତା ୩ବର୍ଷ ନିମନ୍ତେ ବାର୍ଷିକ ଭିତିରେ ପ୍ରକାଶ୍ୟ ନିଲାମ କରାଯାଇଛି । ଏହି ନିଲାମରେ ମୋଟ ୫ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଇଛାପୁରର ସୌରଚନ୍ଦ୍ର ସାହୁଙ୍କ ନିଲାମ ଡାକ ସର୍ବୋଚ୍ଚ ୨୨ଲକ୍ଷ ଦଶ ହଜାର ଏକଶତ ଟଙ୍କା ହୋଇଥିବାରୁ ଶ୍ରୀ ସାହୁଙ୍କ ନାମରେ ନିଲାମ ସିଦ୍ଧ କରାଗଲା । ପୂର୍ବରୁ ଶ୍ରୀଜୀଉଙ୍କ ଅମଣିହା ଭୋଗ ଦୋକାନ ବାର୍ଷିକ ୧୩ଲକ୍ଷ ୪୦ହଜାର ଏକଶତ ଟଙ୍କାରେ ନିଲାମ ଦିଆଯାଇଥିଲା । ନିଲାମ ସମୟରେ ଟ୍ରଷ୍ଟବୋର୍ଡ ସଦସ୍ୟ ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, କେନ୍ଦ୍ରାପଡା ଦେବୋତ୍ତର ନିରୀକ୍ଷକ ଶକ୍ତିପ୍ରସନ୍ନ ନାୟକ, ଦେବୋତ୍ତର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନିଲାମ ସମୟରେ ଦେବୋତ୍ତର ସଂସ୍ଥାର କର୍ମଚାରୀ ଓ ପୋଲିସ ସହଯୋଗ କରିଥିଲେ ।

## ସୀମା ସମସ୍ୟା ପାଇଁ ଉତ୍କଳ ସମ୍ମିଳନୀ ବୈଠକରେ ଉଦ୍‌ବେଗ



ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଓଡିଶାର ସୀମାନ୍ତ ଅଞ୍ଚଳରୁ ସୂଚୀ ମୁନରେ ଧରୁଥିବା ଜମି ଆମ ରାଜ୍ୟରୁ ନଛାଡିବା ପାଇଁ ସମ୍ମିଳନୀର ସଦସ୍ୟ ସଦସ୍ୟା ମାନେ ଶପଥ ଗ୍ରହଣ କରିବା ସହିତ ସମସ୍ତ ଓଡିଆ ଏହି ଶପଥ ନେବାକୁ ଆହ୍ୱାନ କରିଛନ୍ତି । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ଉପ-ସଭାପତି ବିଚିତ୍ର କୁମାର ବଡଜେନା ଓ ସଦସ୍ୟ ରବିନ୍ଦ୍ର ନାରାୟଣ ବେହେରା ରାଜ୍ୟର ସୀମା ସମସ୍ୟା ଓ ବିଚ୍ଛିନ୍ନାଞ୍ଚଳ ଶିକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନାକରି ଉଦବେଗ ପ୍ରକାଶ କରିଥିଲେ । ଏହି ବୈଠକରେ ସମ୍ମିଳନୀର ସମ୍ପାଦିକା ବାସନ୍ତି ତ୍ରିପାଠୀ, ଭୁବନେଶ୍ୱର ଶାଖା ଉପ-ସଭାପତି ସୁବ୍ରତ ମହାପାତ୍ର ଓ ସମ୍ପାଦକ ରାଜେଶ ସାହୁ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ରୁଷି ପଟ୍ଟନାୟକ ଓ ମହେଶ୍ୱର ବିଶ୍ୱାଳଙ୍କ ସହିତ ଶରତ ଚନ୍ଦ୍ର ସାହୁ, ପ୍ରୀୟରଂଜନ ସାହୁ, ଅମରକବି ଶତପଥୀ, ଦିପ୍ତୀମାନ ବଡଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## 'ସ୍ୱର୍ଣ' ହସ୍ପିଟାଲ ପରିଦର୍ଶନ କଲେ ଜିଲ୍ଲାପାଳ



ଭୁବନେଶ୍ୱର (ପିଏନ୍): ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଭୁବନେଶ୍ୱରସ୍ଥିତ 'ସ୍ୱର୍ଣ' ହସ୍ପିଟାଲ ପରିଦର୍ଶନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ସ୍ମାର୍ଟ ହେଲ୍‌ଥ କାର୍ଡ ଜରିଆରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଏବଂ ଏହି ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତା ଓ ଉପଲବ୍‌ଧ ଚିକିତ୍ସା ସୁବିଧା ସଂପର୍କରେ ଅନୁଧ୍ୟାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ସଂପୃକ୍ତ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ସେମାନଙ୍କର ଚିକିତ୍ସାର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ । ବିନା ଦେୟରେ ଏହି ଯୋଜନାରେ ଚିକିତ୍ସା ସୁବିଧା ପାଇପାରିଥିବାରୁ ହିତାଧିକାରୀମାନେ ଜିଲ୍ଲାପାଳଙ୍କଠାରେ ସେମାନଙ୍କର ଖୁସିବ୍ୟକ୍ତ କରିବା ସହିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଜିଲ୍ଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ୧୧ଜଣ ରାଜସ୍ୱ ଅମଲା ଚଳିତ ଡିସେମ୍ବର ମାସରେ ଓଡିଶା ରାଜସ୍ୱ ସେବାକୁ ପଦୋନ୍ନତ୍ତି ପାଇଥିବାରୁ କେନ୍ଦ୍ରାପଡା ରାଜସ୍ୱ ଅମଲା ସଂଘ ସଭାପତି ତଥା ସେକ୍ସନ ଅଫିସର ଦୀନବନ୍ଧୁ ରଥଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଦର ମହକୁମାସ୍ଥିତ ବିଭିନ୍ନ



କାର୍ଯ୍ୟାଳୟର ରାଜସ୍ୱ ଅମଲାମାନଙ୍କ ସହ ପଦୋନ୍ନତ୍ତି ପାଇଥିବା ରାଜସ୍ୱ ଅମଲାମାନେ ଉପସ୍ଥିତ ଥିଲେ । ନିଜର କର୍ତ୍ତବ୍ୟନିଷ୍ଠା, ଉତ୍ତମ ସେବା ଯୋଗାଇ ଦେଇପାରିଥିବା ଅମଲା ପଦୋନ୍ନତ୍ତି ପାଇ ତାଙ୍କର ନୂତନ କର୍ମସ୍ଥଳୀର ସୁଚାର ରୂପେ କାର୍ଯ୍ୟକରି ସୁନାମ ଆଣିବାକୁ ଶ୍ରୀ ରଥ ପରାମର୍ଶ ଦେବା ସହ ନୂତନ କର୍ମସ୍ଥଳୀରେ ରାଜସ୍ୱ ଅମଲାଙ୍କ ସହିତ ସମସ୍ତଙ୍କ ପ୍ରିୟଭାଜନ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ସଭାରେ ପଦୋନ୍ନତ୍ତି ପାଇଥିବା ରାଜସ୍ୱ ଅମଲାମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ପଦୋନ୍ନତି ପାଇଥିବା ସଙ୍ଘର ସମ୍ପାଦକ ରମେଶ ଚନ୍ଦ୍ର ପାଣି ବକ୍ତବ୍ୟ ରଖିଥିଲେ । ପରିଶେଷରେ ସଂଘୀୟ ଭାବଧାରାକୁ ବଜାୟ ରଖି ରାଜସ୍ୱ ଅମଲାମାନେ ସରକାରୀ ନିୟମ ଅନୁଯାୟୀ ଦାୟିତ୍ୱ ସମ୍ପାଦନ କରି ନିଜର ତଥା ଜିଲ୍ଲାର ସର୍ବୋପରି ରାଜ୍ୟର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ ।




# ଶହୀଦ୍ ପଦ୍ମନାଭ ଛୋଟରାୟଙ୍କ ୨୦୦ତମ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ପାଇକ ବିଦ୍ରୋହର ଅନ୍ୟତମ ସଂଗ୍ରାମୀ ଯୋଦ୍ଧା ଭୁବନେଶ୍ୱର ବଡ଼ଗଡ଼ ମାଟିର ଯୋଗ୍ୟ ଦାୟାଦ ଅମର ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୦ତମ ବଳିଦାନ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦ ବଡ଼ଗଡ଼ଙ୍କ ମିଳିତ ସହଯୋଗରେ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ, ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ , ସ୍ମୃତି କମିଟି ସଭାପତି ଯତୀନ୍ଦ୍ର ମୋହନ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୁବନେତା ଅଜିତ୍ ବେହେରା ସ୍ୱାଗତ ଜଣାଇଥିବା ବେଳେ ବୀର କିଶୋର ବେହେରା ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଡ଼ଗଡ଼ ଗ୍ରାମ କମିଟି ସଭାପତି ରାହାସ ବିହାରୀ ନରେନ୍ଦ୍ର, ସମ୍ପାଦକ ଲକ୍ଷ୍ମୀଧର ଶ୍ରୀଚନ୍ଦନ, ପୂର୍ବତନ କାଉନ୍ସିଲର ତଥା ଶିକ୍ଷାବିତ୍ ପ୍ରତାପ ଜେନା, ସରୋଜ ମହାନ୍ତି, ସୁଧିର କୁମାର ପରିଡ଼ା, ଗୌତମ ନାୟକ, ପ୍ରମୁଖ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ବକ୍ସି ଜଗବନ୍ଧୁ ଓ ଜୟୀରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଖୋର୍ଦ୍ଧାର ପାଇକ ବିଦ୍ରୋହରେ ବଡ଼ଗଡ଼ ଗ୍ରାମର ପଦ୍ମନାଭ ଛୋଟରାୟ ଅଗ୍ରଣୀ ଯୋଦ୍ଧା ଭାବେ ସକ୍ରିୟ ଅଂଶଗ୍ରହଣ କରି ନିଜ ବୀରତ୍ୱ ଓ ଯୁଦ୍ଧ ଚାଳନାରେ ବ୍ରିଟିଶ୍ ଶକ୍ତିକୁ ଥରହର କରିଥିଲେ । ଶ୍ରୀ ଛୋଟରାୟ ଆତ୍ମଗୋପନ କରି ସଂଗ୍ରାମ କରୁଥିଲେ । ତାଙ୍କର ବଳିଦାନ ଯୁବ ସମାଜକୁ ଯୁଗେଯୁଗେ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ବକ୍ତାମାନେ ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଘୁନାଥ ମିଶ୍ର, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ଡଃ ପ୍ରଜ୍ଞାପାରମିତା ଜେନା, ସଂଗୀତଜ୍ଞ ବଶିଷ୍ଠ ନାୟକ, ଓଡ଼ିଶୀ ନୃତ୍ୟଶିଳ୍ପୀ ରଶ୍ମିରଂଜନ ନାୟକଙ୍କୁ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଓଲଟପୁର ଆରୋଗ୍ୟ ଭବନ ଠାରେ ରକ୍ତଦାନ ଶିବିର

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସେବା ବିଭାଗ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ପରିଚାଳିତ ଶୁଶ୍ରୂତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର, ଓଲଟପୁର ଆରୋଗ୍ୟ ଭବନ ଠାରେ ପବିତ୍ର ବିବେକାନନ୍ଦ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ନିରତାର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମାନ ସୀମାଂଚଳ ଖଟୁଆ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରେଡକ୍ରସ କଟକର ଅଧିକାରୀ, ଶୁଶ୍ରୂତ ଓଲଟପୁର ଏବଂ ନିରତାର ଭାଇମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଏଥିରେ ନିରତାର ନିର୍ଦ୍ଦେଶକ ଡାକ୍ତର ମହାନ୍ତି ସର୍ବପ୍ରଥମେ ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲେ । କରୋନାର କରାଳ ତାଣ୍ଡବ ସମୟରେ ମଧ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ୩୯ ଜଣ ରକ୍ତଦାତା ଏହି ଶିବିରରେ ନିଜର ରକ୍ତଦାନ କରିଥିଲେ ।

## କ୍ଷିତଶ୍ ବିଶ୍ୱାଳଙ୍କ ମୃତ୍ୟୁରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟିର ଶୋକ

ଭୁବନେଶ୍ୱର,(ପି.ଏନ): ସି.ପି.ଆଇ.(ଏମ୍.ଏଲ୍) ଲିବରେସନ ଓଡିଶା ରାଜ୍ୟ କମିଟିର ବରିଷ୍ଠ ନେତା ସାଥୀ କ୍ଷିତିଶ ବିଶ୍ୱାଳଙ୍କ ମୃତ୍ୟୁରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରିଛି । ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି ସାଥୀ କ୍ଷିତିଶ ବିଶ୍ୱାଳ ୧୯୭୦ରୁ ୧୯୯୧ ମସିହା ପର୍ଯ୍ୟନ୍ତ ସି.ପି.ଆଇ.(ଏମ୍)ର ସଦସ୍ୟ ଥିଲେ, ସେ ପାର୍ଟି ରାଜ୍ୟ ସମ୍ପାଦକମଣ୍ଡଳୀ, କୃଷକ ସଭାର ରାଜ୍ୟ ସମ୍ପାଦକ, କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ଭାବରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିଲେ । ସାଥୀ ବିଶ୍ୱାଳ କୃଷକ, କ୍ଷେତ ମଜଦୁର, ମଜ୍‌ଦୁରି ତଥା ଗ୍ରାମୀଣ ଗରୀବ ଜନଗଣଙ୍କ ଆନ୍ଦୋଳନ ସହ ଓତଃପ୍ରୋତ ଭାବରେ ଜଡିତ ଥିଲେ । ୧୯୯୧ ମସିହାରେ ସି.ପି.ଆଇ.(ଏମ୍) ରୁ ଅଲଗା ହେବା ପରେ ସେ ସି.ପି.ଆଇ.(ଏମ୍.ଏଲ୍.) ଲିବରେସନ୍‌ରେ ଯୋଗ ଦେଇଥିଲେ । ସାଥୀ କ୍ଷିତିଶ ବିଶ୍ୱାଳ ୯୨ ବର୍ଷ ବୟସରେ ସବୁ ଦିନ ପାଇଁ ଆଖି ବୁଜି ଦେଲେ । ତାଙ୍କ ମୃତ୍ୟୁରେ ବାମପନ୍ଥୀ ଆନ୍ଦୋଳନ ତଥା ଜଣେ ଗରୀବ ମଣିଷର ସାଥୀ ଓ ସହଯୋଦ୍ଧାକୁ ହରାଇଲା । ତାଙ୍କ ପ୍ରତି ସି.ପି.ଆଇ. (ଏମ୍) ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି ।

## ଜନକପୁରରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଧାଇଁ ଆସିଛନ୍ତି ଦିବ୍ୟାଙ୍ଗ ଭକ୍ତ



ପୁରୀ (ପି.ଏନ): ଚାଲିବା ତ ଦୂରର କଥା ଠିକ ଭାବେ ନିଜ ଗୋଡରେ ଛିଡା ହୋଇ ପାରୁନାହାନ୍ତି । କିନ୍ତୁ ମହାପ୍ରଭୁଙ୍କ ଡୋରି ତାଙ୍କୁ ସୁଦୁର ଜନକପୁରରୁ ଶ୍ରୀକ୍ଷେତ୍ର ଟାଣି ଆଣିଛି । ତୁଣ୍ଡରେ ସୀତାରାମ ସୀତାରାମ ଜପୁଛନ୍ତି । ସୀତାଙ୍କ ଜନ୍ମ ସ୍ଥାନ ଜନକପୁରରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଛନ୍ତି ୪୫ ବର୍ଷର ଦିବ୍ୟାଙ୍ଗ ଭକ୍ତ ଲାଲୁ ଯାଦବ । ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ଥିଲେ ମଧ୍ୟ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କ ସହ ନିଳଚକ୍ରଙ୍କୁ ଦର୍ଶନ କରି ବେଶ ଆତ୍ମ ବିଭୋର ହୋଇଛନ୍ତି ଲାଲୁ । ପିଲାଟି ବେଳୁ ଠିକ୍ ଭାବେ ଚାଲି ପାରୁନଥିବା ବେଳେ ମହାପ୍ରଭୁଙ୍କ ଆଶିର୍ବାଦ ଥିଲେ ସବୁ କିଛି ଠିକ୍ ହୋଇଯିବ ବୋଲି ଲାଲୁ ଆଶା ଓ ବିଶ୍ୱାସ ରଖିଛନ୍ତି ।

## ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସଂପର୍କରେ ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଚାଲୁ ରହିଥିବା ସମସ୍ତ ରେଳ ପ୍ରକଳ୍ପ ପାଇଁ ଥିବା ଜମି ଅଧିଗ୍ରହଣ ଓ ଏ କ୍ଷେତ୍ରରେ ଥିବା ସମସ୍ତ ଅସୁବିଧା ଦୂର କରିବା ଦିଗରେ ଏକ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରାୟ ୪୦ଟି ରେଳ ପ୍ରକଳ୍ପର ଜମି ଗ୍ରହଣ ସଂପର୍କରେ ଆଲୋଚନା ହୋଇଥିଲା । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସଂପର୍କରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିବା ସହ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭର୍ଚୁଆଲ ମୋଡ୍ ରେ ଆୟୋଜିତ ଏହି ବୈଠକରେ ୨୧ଟି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ବାଣିଜ୍ୟ ଓ ପରିବହନ ବିଭାଗର ଜମି ଅଧିଗ୍ରହଣ ଅଧିକାରୀ ଓ ରେଲୱେର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## କାଙ୍କେର ଜିଲ୍ଲାରେ ମାତିଲେ ମାଓବାଦୀ, ବିସ୍ଫୋରଣରେ ଜଣେ ଯବାନ ଗୁରୁତର

ମାଲକାନଗିରି : ମାଲକାନଗିରି ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ମାତିଲେ ମାଓବାଦୀ । ଜିଲ୍ଲାର ତୋଡକି ଥାନା ଅନ୍ତର୍ଗତ କୋଷାରଣ୍ଡା ଅଞ୍ଚଳରେ ବିସ୍ଫୋରଣ କଲେ ମାଓବାଦୀ । ଏସଏସବିର ଜଣେ ଯବାନ ଗୁରତର ହୋଇଛନ୍ତି । ରେଳବାଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ସୁରକ୍ଷା ଦେଉଥିଲେ ଏସଏସବିର ଯବାନ । ବିସ୍ଫୋରଣ ପରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଥିବା ବେଳେ ଆହତ ଯବାନଙ୍କୁ ମେଡ଼ିକାଲ ଆଣିବା ପାଇଁ ଡିଆରଜିର ଏକ ଟିମ୍ ପଠାଯାଇଥିବା ନେଇ କାଙ୍କ ?ର ଏସପି ସୌଲଭ ସିହ୍ନା ସୂଚନା ଦେଇଛନ୍ତି ।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୨ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୨ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କୋଭିଡ୍ -୧୯ ତୃତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ସହ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଏବଂ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଉତ୍କଳ ଜନନୀର ଅନ୍ୟତମ ସୁଯୋଗ୍ୟ ସନ୍ତାନ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଓଡ଼ିଶାର ରାଜନୀତି, ସମାଜନୀତି, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାଂସ୍କୃତିକ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ । ସେ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣର ପ୍ରମୁଖ ବିନ୍ଧାଣୀ ତଥା ଉତ୍କଳ ସମ୍ମିଳନୀର ଅନ୍ୟତମ କର୍ଣ୍ଣଧାର । ଲଣ୍ଡନରେ ଆୟୋଜିତ ତୃତୀୟ ଗୋଲଟେବୁଲ୍ ବୈଠକରେ ରାଜା ରାମଚନ୍ଦ୍ର ଯୋଗଦେଇ ଓଡ଼ିଆ ଭାଷାଭାଷୀ ଅଂଚଳର ମିଶ୍ରଣ ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ଓଡ଼ିଆ ଭାଷା ଆନ୍ଦୋଳନ ଇତିହାସରେ ଏକ ଅମ୍ଳାନ ଅଧ୍ୟାୟ ସୃଷ୍ଟି କରିଥିବା ଏହି ଉଜ୍ଜ୍ୱଳ ଜ୍ୟୋତିଷ୍କ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଏ ଜାତିର ଗର୍ବ ଓ ଗୌରବ । ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ଶା ରିଭ୍ୟୁର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଂଟିଆ ଏବଂ ସନ୍ତୋଷ କୁମାର ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ପ୍ରହ୍ଲାଦ ମଲିକଙ୍କ ୯୩ତମ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ବିଶିଷ୍ଟ ଜନନେତା ପ୍ରହ୍ଲାଦ ମଲିକଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ପ୍ରହ୍ଲାଦ ମଲିକ ସ୍ମୃତି ପରିଷଦ ଓ ପ୍ରହ୍ଲାଦ ମଲିକ ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ କୋଭିଡ଼ ନିୟମ ପାଳନ ପୂର୍ବକ ପାଳିତ ହୋଇଯାଇଛି । ଦିବଂଗତ ଜନନେତାଙ୍କ ସ୍ମୃତିଚାରଣ ସହିତ ତାଙ୍କ ରାଜନୈତିକ ଜୀବନର ବିଶିଷ୍ଟ ଘଟଣାଗୁଡ଼ିକ ପରିଷଦର କାର୍ଯ୍ୟକାରୀ ସଭାପତି ଡକ୍ଟର ସିପ୍ରା ମଲ୍ଲିକ ସ୍ମରଣ କରାଇଥିଲେ । ପରିଷଦର ସାଧାରଣ ସମ୍ପାଦକ ପ୍ରଫେସର ବସନ୍ତ କୁମାର ମଲ୍ଲିକ ପ୍ରହ୍ଲାଦ ମଲିକ ସ୍ମୃତି ପରିଷଦର ବିବରଣୀ ପ୍ରଦାନ କରିଥିଲେ ଏବଂ ସାମାଜିକ ନ୍ୟାୟ ଓ ଅଧିକାର ସମ୍ପର୍କରେ ଜନନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରି ଆସୁଛନ୍ତି ବୋଲି ଉଦ୍‌ଘୋଷଣ କରିଥିଲେ । ଜନନେତାଙ୍କ ଜଳ ଯୋଜନା ଆଜି କେନ୍ଦ୍ରାପଡ଼ା ଅଂଚଳରେ ସ୍ମରଣୀୟ ଏବଂ ସେ ଅଂଚଳର 'ବାଇମୁଣ୍ଡି' ବୋଲି ପରିଚିତ ଏକଥା ଡଃ ପ୍ରଫେସର ମଲ୍ଲିକ ଉଲ୍ଲେଖ କରିଥିଲେ । ଜନନେତା ପ୍ରହ୍ଲାଦ ମଲିକଙ୍କ ଜୟନ୍ତୀ ସମାରୋହରେ ବିଶିଷ୍ଟ କୃଷି ବୈଜ୍ଞାନିକ ଡ଼କ୍ଟର ସୁଷମା ସୁଧାଶ୍ରୀଙ୍କୁ 'ପ୍ରହ୍ଲାଦ ମଲିକ ସମ୍ମାନ-୨୦୨୧' ପ୍ରଦାନ କରାଯାଇଥିଲା ଏବଂ ସତ୍ୟନଗରର ଶବଦାହିକା ଶ୍ରୀମତୀ ରଞ୍ଜନା ନାୟକଙ୍କୁ 'ପ୍ରହ୍ଲାଦ ମଲିକ ସ୍ମାରକୀ ସମ୍ବର୍ଦ୍ଧନା-୨୦୨୧' ପ୍ରଦାନ କରାଯାଇ ସେମାନଙ୍କର ସୁଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ଉକ୍ତ ଉତ୍ସବରେ ସମ୍ମାନନୀୟ ସୂଚନା କମିଶନର ଶ୍ରୀ ଦିଲୀପ କୁମାର ବିଷୋୟୀ ପ୍ରହ୍ଲାଦ ମଲିକଙ୍କ ଆଦର୍ଶ, ଲୋକପ୍ରିୟତା, ଲୋକସେବା ବୃଦ୍ଧି ଓ ଜନ ସମସ୍ୟାର ସମାଧାନ ସିଦ୍ଧାନ୍ତ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ଭାବରେ ବାଗ୍ମୀ ଦାଶ ବେନହୁର ପ୍ରହ୍ଲାଦ ମଲିକଙ୍କ ରାଜନୈତିକ ଜୀବନ ଓ ଓଡ଼ିଶା ରାଜନୀତିକ ପ୍ରେକ୍ଷାପଟ୍ଟ ଓ ସାହିତ୍ୟିକ ବିକାଶ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ପ୍ରହ୍ଲାଦ ମଲିକ ଜୀବନାଦର୍ଶ ଓ ଓଡ଼ିଶାର ଅର୍ଥନୈତିକ ବିକାଶରେ ସ୍ୱର୍ଗତ ପ୍ରହ୍ଲାଦ ମଲିକଙ୍କ ଅବଦାନକୁ ସ୍ମରଣ କରିଥିଲେ । ଏହି ପବିତ୍ର ସମାରୋହରେ ପ୍ରହ୍ଲାଦ ମଲିକଙ୍କ କନ୍ୟା ସୁପ୍ରିୟା ମଲ୍ଲିକଙ୍କ ଦ୍ୱାରା ରଚିତ ପୁସ୍ତକ 'ବୈଷମ୍ୟ ବିରୋଧୀ ଆନ୍ଦୋଳନରୁ ଦଳିତ ସାହିତ୍ୟ' ଲୋକାର୍ପିତ ହୋଇଥିଲା । ପରିଷଦର ସଭାପତି ଶ୍ରୀ ପ୍ରଦୋଷ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଏବଂ ପ୍ରଫେସର କୁଞ୍ଜବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ରାମଚନ୍ଦ୍ର ମଲ୍ଲିକ, ସୁମିତ୍ରା ମହାନ୍ତି, ଶ୍ରୀ ଅଭିମନ୍ୟୁ ସେଠୀ, ଶ୍ରୀ ଶେଷଦେବ ମଲ୍ଲିକ, ଶ୍ରୀ ସଂଗ୍ରାମ କେଶରୀ ମଲିକ ଓ ବହୁ ପ୍ରହ୍ଲାଦପ୍ରେମୀ ଏହି ସଭାରେ ଯୋଗଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ପଶୁଠାରେ ବି 'ମାତୃ ସ୍ନେହ': ନିଜ ଛୁଆର ଉଦ୍ଧାର ପାଇଁ ବିକଳ ହେଲା, ମୃତଦେହକୁ ନିଜେ ପୋତିଲା ମା' କୁକୁର

ଭଦ୍ରକ (ପି.ଏନ): ମା' ସେ ସର୍ବଂସ୍ୱାହା । ମା ପରି ଆଉ କେହି ନାହିଁ । ସେ ପଶୁ ହେଉ ଅବା ମଣିଷ । ଜ୍ଞାନ ଥିବା ମଣିଷ ଯେଉଁଠି ସ୍ୱାର୍ଥ ପାଇଁ ନିଜ ଆତ୍ମୀୟଙ୍କୁ ଭୁଲି ଯାଉଛି । ସେଠି କୁକୁରଟିଏ କିନ୍ତୁ ଭୁଲିନି ତାର କର୍ତ୍ତବ୍ୟ । ଭୁଲିପାରିନି ତାର ଆତ୍ମୀୟତାକୁ । ସବୁ ବାଧା ବିଘ୍ନକୁ ପଛରେ ପକାଇ ତା ମାଆ ହେବାର ଦାୟିତ୍ୱ ତୁଲାଇଛି । ନିଜ ଛୁଆ ମରିଯାଇଥିବା ସେ ଜାଣିଛି । ତଥାପି ନିଜର ହୃଦୟକୁ ପଥର କରି ଗାତ ଖୋଳି ଛୁଆଟିର ମୃତଦେହକୁ ପୋତି ପକାଇଛି । ପଶୁ ହେଲେବି ସ୍ନେହ ମମତା ଆଗରେ ହାର ମାନିଯାଇଛି ମାନବିକତା । ସୂଚନା ଅନୁଯାୟୀ, ଭଦ୍ରକ ଟାଉନ ଥାନା ନିକଟ ଏକ ହୋମ ପାଇପ ଭିତରେ କୁକୁର ନିଜ ଛୁଆଙ୍କୁ ନେଇ ରହୁଥିଲା । ହେଲେ ପ୍ରବଳ ବର୍ଷା ହେବା ଯୋଗୁଁ ହୋମ ପାଇପ ଭିତରେ ବର୍ଷା ପାଣି ପଶି ଯାଇଥିଲା ।

## ଓଡ଼ିଶାରେ ୫୩୭.୪୪ ବର୍ଗକିଲୋମିଟର ଜଙ୍ଗଲ ଅଭିବୃଦ୍ଧି

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଡେରାଡୁନ୍ ସ୍ଥିତ ସ୍ୱୟଂଶାସିତ ସଂସ୍ଥା ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ଦ୍ୱାରା ପ୍ରସ୍ତୁତ ଭାରତୀୟ ରାଜ୍ୟ ସମୂହ ଜଙ୍ଗଲ ରିପୋର୍ଟ ୨୦୨୧ ଆଜି ନୂଆଦିଲ୍ଲୀଠାରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ଉନ୍ମୋଚନ କରିଛନ୍ତି । ପ୍ରତି ଦୁଇବର୍ଷରେ ଥରେ ଭାରତର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ହେଉଥିବା ଏହି ସର୍ବେକ୍ଷଣ ଅନୁଯାୟୀ ୨୦୧୯-୨୦ ବର୍ଷ ମଧ୍ୟରେ ଓଡ଼ିଶାରେ ୫୩୭.୪୪ ବର୍ଗକିଲୋମିଟର ଜଙ୍ଗଲ ଅଭିବୃଦ୍ଧି ଘଟିଛି, ଯାହାକି ଭାରତ ବର୍ଷରେ ତୃତୀୟ ସ୍ଥାନରେ ରହିଛି । ସେହିଭଳି ବିଗତ ଦୁଇ ବର୍ଷ ମଧ୍ୟରେ ହେନ୍ତାଳବନ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି । ଆହୁରି ମଧ୍ୟ ଜଙ୍ଗଲ ଅଭିବୃଦ୍ଧି ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାରତବର୍ଷର ଶ୍ରେଷ୍ଠ ତିନୋଟି ସ୍ଥାନ ମଧ୍ୟରେ ରହିଛି । ପ୍ରକାଶ ଯୋଗ୍ୟ ଯେ ଓଡ଼ିଶାର ସମୁଦାୟ ଭୌଗୋଳିକ ଅଂଚଳ ମଧ୍ୟରୁ ୩୩.୫୦ ପ୍ରତିଶତ ଜଙ୍ଗଲ ଅଚ୍ଛାଦିତ ଅଟେ । ଏକ-ତୃତୀୟାଂଶ ଅଂଚଳ ଜଙ୍ଗଲ ଓ ବୃକ୍ଷଲତାରେ ପରିପୂର୍ଣ୍ଣ ଯୋଗୁଁ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିପାରିଛି । ୨୦୧୭-୧୮ ବର୍ଷରେ ରାଜ୍ୟରେ ଜଙ୍ଗଲ ଅଭିବୃଦ୍ଧି ୨୩୭ ବର୍ଗ କିଲୋମିଟର ହୋଇଥିବାବେଳେ ୨୦୧୯-୨୦ ବର୍ଷରେ ପାଖାପାଖି ଦୁଇଗୁଣା ଅଭିବୃଦ୍ଧି ଘଟିଛି । ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୩ଟି ଜିଲ୍ଲାରେ ବନାଂଚଳରେ ଅଭିବୃଦ୍ଧି ଘଟିଛି । ଗଜପତି, ଗଞ୍ଜାମ, ପୁରୀ, କୋରାପୁଟ, ସମ୍ବଲପୁର, ସୁବର୍ଣ୍ଣପୁର, ଖୋର୍ଦ୍ଧା ଏବଂ କଟକ ଜିଲ୍ଲାରେ ବିଗତ ଦୁଇବର୍ଷ ମଧ୍ୟରେ ଅଧିକ ପରିମାଣରେ ବନାଂଚଳରେ ଅଭିବୃଦ୍ଧି ଘଟିଛି । ରାଜ୍ୟରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୨୪୩ ବର୍ଗ କିଲୋମିଟର ମଧ୍ୟମ ଧରଣର ଜଙ୍ଗଲ ଘଂଚ ଜଙ୍ଗଲରେ ପରିଣତ ହୋଇଛି । ଆହୁରି ମଧ୍ୟ ସର୍ବେକ୍ଷଣରେ ଦର୍ଶାଯାଇଛି ଯେ ଓଡ଼ିଶାରେ ୧୧୩୪ ବର୍ଗ କିଲୋମିଟର ଅଣଜଙ୍ଗଲ ଅଂଚଳରେ ବର୍ତ୍ତମାନ ଆଖିଦୃଶିଆ ବନାଂଚଳ ସୃଷ୍ଟି ହୋଇଛି । ଭାରତବର୍ଷର ବୃକ୍ଷଲତା ଏବଂ ଜଙ୍ଗଲରୁ ସୃଷ୍ଟି ହେଉଥିବା ସମୁଦାୟ କାର୍ବନ ପରିମାଣର ୬.୧୭ ପ୍ରତିଶତ ଓଡ଼ିଶାରୁ ସୃଷ୍ଟି ହେଉଛି । ରାଜ୍ୟ ସରକାରଙ୍କର ଯୁଗ୍ମ ଜଙ୍ଗଲ ପରିଚାଳନା ପଦକ୍ଷେପ ସହିତ ସବୁଜ ମିଶନ, ସବୁଜ ମହାନଦୀ ମିଶନ, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକ୍ରମ, ଜିଲ୍ଲା ଖଣିଜ ପାଣ୍ଠି, ଓଡ଼ିଶା ଖଣିଜ ଅଂଚଳ ଉନ୍ନୟନ ନିଗମ ଏବଂ ଅନ୍ୟାନ୍ୟ ସଂସ୍ଥାଙ୍କ ନିରବଚ୍ଛିନ୍ନ ଉଦ୍ୟମର ଫଳ ସ୍ୱରୂପ ରାଜ୍ୟରେ ଆଜି ଏହା ସମ୍ଭବ ହୋଇପାରିଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday January 15, 2022 ଭୁବନେଶ୍ୱର ଶନିବାର, ଜାନୁଆରୀ ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com





# ଦ୍ୱିତୀୟ ଥର ପାଇଁ ଜୋକୋଭିକଙ୍କ ଭିସା ରଦ୍ଦ କଲା ଅଷ୍ଟ୍ରେଲିଆ, ତିନି ବର୍ଷ ଯାଏଁ ଲାଗିପାରେ ବ୍ୟାନ୍



ମେଲବର୍ଣ୍ଣ : ଶୁକ୍ରବାର ଅଷ୍ଟ୍ରେଲିଆ ସରକାର ଟେନିସ୍ ଖେଳାଳି ନୋଭାକ ଜୋକୋଭିକଙ୍କ ଭିସା ଦ୍ୱିତୀୟ ଥର ପାଇଁ ରଦ୍ଦ କରିଛନ୍ତି । ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ଜୋକୋଭିକ କରୋନା ଟିକା ନେଇ ନାହାନ୍ତି ଯାହା ଅନ୍ୟ ଲୋକଙ୍କ ପାଇଁ ବିପଦ ହୋଇପାରେ ଆଶଙ୍କା କରି ତାଙ୍କ ଭିସାକୁ ଦ୍ୱିତୀୟ ଥର ପାଇଁ ରଦ୍ଦ କରାଯାଇଥିବା ଅଷ୍ଟ୍ରେଲିଆର ସରକାର ପକ୍ଷରୁ କୁହାଯାଇଛି । ଅଷ୍ଟ୍ରେଲିଆର ନାଗରିକ ମନ୍ତ୍ରୀ ଏଲେକ୍ସ ହାକେ ଅଦାଲତଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ନିଜର ଅଧିକାର ବଳରେ ଜୋକୋଭିକଙ୍କ ଭିସା ରଦ୍ଦ କରିଛନ୍ତି । ଏହାପରେ ଦୁନିଆର ଏକ ନମ୍ବର ଟେନିସ ଖେଳାଳି ଅଷ୍ଟ୍ରେଲିଆ ଛାଡିବାକୁ ବାଧ ହୋଇପାରନ୍ତି । କେବଳ ଏତିକି ନୁହେଁ, ଜୋକୋଭିକଙ୍କ ଗ୍ରାଣ୍ଡସ୍ଲାମ୍ ଖେଳିବା ଉପରେ ତିନି ବର୍ଷ ପ୍ରତିବନ୍ଧକ ଲାଗୁ ହୋଇପାରେ । ଏହାପୂର୍ବରୁ ଅଷ୍ଟ୍ରେଲିଆର ମନ୍ତ୍ରୀ ଏଲେକ୍ସ ହାକେ କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ନିଜର ଅଧିକାରରେ ଭିସା ରଦ୍ଦ କରିବା କଥା କହିଥିଲେ ଏବଂ ଏହା କରିଦେଖାଇଲେ । ଅଷ୍ଟ୍ରେଲିଆ ଓପନ ଆରମ୍ଭର ତିନି ଦିନ ପୂର୍ବରୁ ଜନହିତକୁ ଆଧାର କରି ଭିସା ରଦ୍ଦ କରିବା ପାଇଁ ହାକେ ନିଜର ଅଧିକାର ବ୍ୟବହାର କରିଛନ୍ତି । ଇମିଗ୍ରେସନ ଆକ୍ଟର ଧାରା ୧୩୩ଉ(୩) ଆଧାରରେ ଜୋକୋଭିକଙ୍କ ଭିସା ରଦ୍ଦ କରାଯାଇଛି । ଏହି ନିୟମ ଅନୁଯାୟୀ, ତିନି ବର୍ଷ ଯାଏଁ ଜୋକୋଭିକଙ୍କ ଅଷ୍ଟ୍ରେଲିଆ ଗସ୍ତ ଉପରେ ପ୍ରତିବନ୍ଧକ ଲାଗୁ ହୋଇପାରେ ।

## ଧାକୁଲେଇ କପ ଫୁଟବଲ; ସେମିରେ ତଣ୍ଡିକଣା ଦଳ

ଫୁଲନଖରା, (ପି.ଏନ): ପ୍ରତାପନଗରୀ ଠାରେ ଚାଲିଥିବା ଧାକୁଲେଇ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ତଣ୍ଡିକଣା ଫୁଟବଲ ଟିମ ପଦ୍ମକେଶର ଦଳକୁ ୩-୧ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଜଳଧର ପ୍ରଧାନ, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ ପ୍ରମୋଦ ବେହେରା, ସହ ସମ୍ପାଦକ ବାଦଲ ଜେନା, ନାରାୟଣ ରାଉତ, ନିରଂଜନ ରାଉତ, ବିକ୍ରମ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଦୁଇ ଜଣଙ୍କୁ ପୁରସ୍କୃତ କରିଥିଲେ । ବାବନ ଭୋଇ, ଦୁର୍ଗା ଆଚାର୍ଯ୍ୟ, ପ୍ରଦୀପ ଦାସ ଖେଳ ପରିଚାଳନା କରିଥିଲେ । ରୋହିତ ସ୍ୱାଇଁ, ସନାତନ ଦାସ, ସୋମନାଥ ଜେନା, ଶିବୁନ ସେନାପତି, ଆଶିଷ ଜେନା, ତ୍ରିନାଥ ବେହେରା, ସନାତନ ପରିଡ଼ା, ପ୍ରଦୀପ ବେହେରା ପ୍ରମୁଖ ଧାକୁଲେଇ ଫୁଟବଲ ଆସୋସେସନ ସଦସ୍ୟମାନେ ସହଯୋଗ କରିଥିଲେ ।

# ଆଧୁନିକ ଓଡିଆ କଥା ସାହିତ୍ୟର ଜନକ ଫକୀର ମୋହନ




ଧର୍ମଶାଳା, (ପିଏନ୍): ବ୍ୟାସକବି ଫକୀର ମୋହନ ଲେଖନୀ ମାଧ୍ୟମରେ ଅନ୍ଧ ବିଶ୍ୱାସ, କୁସଂସ୍କାର, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ ବୋଲି ବହୁ ବିଶିଷ୍ଟ ସାହିତ୍ୟିକ ମତବ୍ୟକ୍ତ କରିଛନ୍ତି । ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଆଜି ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ସାମାଜିକ ଦୁରତ୍ୱ ରକ୍ଷା କରି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳ, ପ୍ରେସ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା, ସାମ୍ବାଦିକ ଅବିନେଶ୍ୱର ଶତପଥୀ ଓ ମୁଖ୍ୟ ବକ୍ତା ଭାବେ କବି ସଂଗ୍ରାମ କେଶରୀ ଜେନା, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ନାୟକ ଯୋଗଦେଇ ଫକୀର ମୋହନ ଆଧୁନିକ ଓଡିଆ ସାହିତ୍ୟର ଜନକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଓଡିଆ ଭାଷାର ସୁରକ୍ଷା ଦିଗରେ ବ୍ୟାସ କବିଙ୍କର ଅଗ୍ରଣୀ ଭୂମିକା ଓଡିଆ ଜାତି ପାଇଁ ଚିରସ୍ମରଣୀୟ ବୋଲି ଉପସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ମାନସ ରନ ଜେନା, ସୁନାକର ସାହୁ, ବ୍ରଜ କିଶୋର ଦାଶ, ସନ୍ତୋଷ କୁମାର ତରାଇ ଓ ନାରାୟଣ କୁମାର ନନ୍ଦ ପ୍ରମୁଖ ଆଲୋଚନା କରିଥିଲେ । ସମ୍ପାଦକ ହୃଷିକେଶ ସାମଲ ସୂଚନା ଦେଇଥିବା ବେଳେ ସହ ସମ୍ପାଦକ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଘା ପାନୀୟ ଜଳପ୍ରକଳ୍ପ ପାଚେରୀକୁ ବିରୋଧ ଘଟଣାରେ ୧୩ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଂଚାୟତର ବାଲିକୁଦିଆରେ ମେଘା ପାନୀୟ ଜଳପ୍ରକଳ୍ପ ପାଚେରୀ ନିର୍ମାଣକୁ ବିରୋଧ ଘଟଣାରେ ପୁଲିସ ଶୁକ୍ରବାର ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୁଚନା ଅନୁଯାୟୀ ଗତ ୧୧ ତାରିଖରେ ବାଲୁକୁଦିଆରେ ନିର୍ମାଣାଧିନ ମେଘା ପାନୀୟ ଜଳ ପ୍ରକଳ୍ପର ପାଚେରୀ ନିର୍ମାଣକୁ ସ୍ଥାନୀୟ ଦଳିତ ସାହିର ଲୋକମାନେ ବିରୋଧ କରିଥିଲେ । ଖବର ପାଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଓ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣା ସ୍ଥଳରେ ପହଁଚି ସ୍ଥାନୀୟ ଲୋକାମାନଙ୍କୁ ବୁଝାସୁଝା କରିଥିଲେ । ତେବେ ତହସିଲଦାର ଓ ମେଘା ପ୍ରକଳ୍ପ ଅଧିକାରୀ ପୁରୁଷୋତମ ରାଓ ଉତ୍ୟକ୍ତ ଲୋକମାନଙ୍କୁ ଜାତିଆଣା ଆକ୍ଷେପ କରିଥିବା ଅଭିଯୋଗ କରି କମ୍ପାନୀର ଗାଡିକୁ ଭଙ୍ଗାରୁଜା କରିଥିଲେ ।

## କୋଭିଡ ପରିସ୍ଥିତି ନିୟନ୍ତ୍ରିତ ନହେବା ପର୍ଯ୍ୟନ୍ତ ଓ.ଏ. ଏସ. ମେନ ପରୀକ୍ଷାକୁ ଘୁଂଚାଯାଉ : ୟାସିର ନୱାଜ

ଭୁବନେଶ୍ୱର, (ପି.ଏନ): କୋଭିଡର ଅନିୟନ୍ତ୍ରିତ ପରିସ୍ଥିତିରେ ନବୀନ ସରକାର ଓଏ ଏସ ମେନ ପରୀକ୍ଷା କରାଇବାର ନିଷ୍ପତି ନେଇ ଓଡ଼ିଶାର ୪୭୫୪ ପରୀକ୍ଷାର୍ଥୀଙ୍କୁ ଅତି ବିପଦଜନ୍ନକ ପରିସ୍ଥିତି ଭିତରକୁ ଠେଲି ଦେଉଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଅଭିଯୋଗ କରିଛନ୍ତି । ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବାର ଧାର୍ଯ୍ୟ ହୋଇଛି । ଗୋଟିଏ ପଟେ ନବୀନ ସରକାର କୋଭିଡ ନିୟନ୍ତ୍ରଣ ପାଇଁ ସ୍କୁଲ, କଲେଜ, ମନ୍ଦିର,ମସ୍‌ଜିଦ୍ ବନ୍ଦ କରିବା ସହ ବିବାହ, ବ୍ରତ ଓ ବିଭିନ୍ନ ଉତ୍ସବପାଇଁ କଡ଼ା କଟକଣା କରିଛନ୍ତି । ଏପରିକି ବିଭିନ୍ନ ଜାଗାରେ କଂଟେନମେଂଟ ଜୋନ କରିବା ସହ ରାତ୍ରି କର୍ଫ୍ୟୁ ମଧ ଲାଗୁକରିଛନ୍ତି । ମାତ୍ର ଅନ୍ୟପଟେ ଓଏ ଏସ ମେନ ପରୀକ୍ଷା ପାଇଁ ୪ ହଜାର ୭୫୪ ପରୀକ୍ଷାର୍ଥୀଙ୍କୁ ମରଣମୁହଁକୁ ଠେଲି ଦେଉଛନ୍ତି । ସରକାର ପରୀକ୍ଷାର୍ଥୀଙ୍କୁ ମାସ୍କ, ସାନିଟାଇଜେସନ ଏବଂ ସାମାଜିକ ଦୂରତା ସଂପର୍କରେ ସୂଚାଇ ଦେଇ ନିଜ ମୁଣ୍ଡରୁ ଦାୟୀତ୍ୱ ଓହ୍ଲାଇ ଦେଇଛନ୍ତି । କରୋନା ପରିସ୍ଥିତିକୁ ରୋକିବା ପାଇଁ ପରୀକ୍ଷା ହଲରେ କ'ଣ ବ୍ୟବସ୍ଥା ହୋଇଛି ସରକାର ସେ କଥା ସ୍ପଷ୍ଟ କରିନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛକି ଏହି ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଅନେକ କୋଭିଡ ସଂକ୍ରମିତ ବୋଲି ଜଣାପଡ଼ିଛି । ଯଦି ପରୀକ୍ଷା ହୁଏ ଏହି ୪ ହଜାର ୭୫୪ ଜଣ ପରୀକ୍ଷାର୍ଥୀ ଓଡ଼ିଶାରେ ୫୦ଲକ୍ଷ କୋଭିଡ ରୋଗୀ ସୃଷ୍ଟି କରିବେ ବୋଲି ଶ୍ରୀ ନୱାଜ କହିଛନ୍ତି । ନବୀନ ସରକାର ଅତୀତର ଘଟଣାରୁ କିଛି ଶିକ୍ଷା କରିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ଏବଂ ଅସାବଧନତା ପାଇଁ ଗତ ୨ବର୍ଷ ମଧ୍ୟରେ ଓଡ଼ିଶାରେ ନବୀନ ସରକାର କୋଭିଡ ରୋଗୀଙ୍କ ଶବ ନଗଣିପାରିବା ସହ ମଶାଣୀରେ ଶବ ପୋଡ଼ିବା ପାଇଁ ମଧ ଅସମର୍ଥ ହୋଇପଡ଼ିଲେ । ନବୀନ ବାବୁଙ୍କ ଅକ୍ଷମତା ପାଇଁ ଓଡ଼ିଶାରେ ବହୁତ ଲୋକଙ୍କ ଜୀବନ ଗଲା । ଶ୍ରୀ ନୱାଜ କହିଛନ୍ତି ମଣିଷର ଜୀବନ ବଡ଼ ନା ପରୀକ୍ଷା ବଡ଼ । ସରକାରଙ୍କ ଏହି ନିଷ୍ପତି ବିରୋଧରେ ୪ ହଜାର ୭୫୪ ଜଣ ଓ.ଏ.ଏସ. ମେନ ପରୀକ୍ଷାର୍ଥୀ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏଣୁ ଛାତ୍ର କଂଗ୍ରେସ ଦାବି କରୁଛି ରାଜ୍ୟ ସରକାର କରୋନା ପରିସ୍ଥିତି ନିୟନ୍ତ୍ରିତ ନହେବା ପର୍ଯ୍ୟନ୍ତ ଓ.ଏ.ଏସ. ମେନ ପରୀକ୍ଷାକୁ ବନ୍ଦ ରଖନ୍ତୁ । ପରିସ୍ଥିତି ନିୟନ୍ତ୍ରିତ ହେବାପରେ ସରକାର ପରୀକ୍ଷା କରାନ୍ତୁ । ଯଦି ସରକାର ଉକ୍ତ ଦାବିକୁ ଗ୍ରହଣ ନକରନ୍ତି ତେବେ ଆମେ ଆନ୍ଦୋଳନ କରିବୁ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି ।

# ଢ଼ିଙ୍କିଆ ଗ୍ରାମବାସୀଙ୍କ ଉପରେ ପୋଲିସର ଅମାନୁଷିକ ଆକ୍ରମଣକୁ କଂଗ୍ରେସର ନିନ୍ଦା ଓ ବିଚାର ବିଭାଗୀୟ ତଦନ୍ତ ଦାବି




ଭୁବନେଶ୍ୱର, (ପି.ଏନ): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଢ଼ିଙ୍କିଆର ନିରସ୍ତ୍ର ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏ ସଂପର୍କରେ ଆଜି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ଡା. ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଢ଼ିଙ୍କିଆ ଚାରିଦେଶ ତଥା ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ପଂଚାୟତ ଏକ ଭାଇଚାରାର ଅଂଚଳ । ଏଠାକାର ଜନସାଧାରଣ ଧାନ, ପାନ ଓ ମୀନ ଉପରେ ସଂପୂର୍ଣ୍ଣ ଜୀବିକା ନିର୍ଭର କରି ଦୀର୍ଘବର୍ଷ ଧରି ଚଳିଆସୁଛନ୍ତି । ଗତ ୨୦୦୫ ମସିହାରେ ରାଜ୍ୟ ସରକାର ଏଠାରେ ପୋସ୍କୋ କମ୍ପାନୀକୁ ପ୍ରତିଷ୍ଠା ନିମନ୍ତେ ନିଷ୍ପତି ନେଇଥିଲେ, କିନ୍ତୁ ପ୍ରବଳ ଜନବିରୋଧ ଯୋଗୁଁ ୨୦୧୩ ମସିହାରେ ଏହି କମ୍ପାନୀ ଫେରିଯିବା ପାଇଁ ବାଧ ହୋଇଥିଲା । ପୁନଶ୍ଚ ରାଜ୍ୟ ସରକାର ୨୦୧୯ ମସିହାରେ ଜିନ୍ଦଲ କମ୍ପାନୀକୁ ଏଠାରେ ପ୍ରତିଷ୍ଠା ନିମନ୍ତେ ନିଷ୍ପତି ନେବାଫଳରେ ପୁରୁଷ ପୁରୁଷ ଧରି ବସବାସ କରିଆସୁଥିବା ସ୍ଥାନୀୟ ଜନସାଧାରଣଙ୍କର ଜୀବନ ଜୀବିକା ସଂପୂର୍ଣ୍ଣ ଭୁଷୁଡ଼ି ଯିବାକୁ ବସିଛି । ଏହି କମ୍ପାନୀ ପ୍ରତିଷ୍ଠାକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବା ଜନସାଧାରଣଙ୍କ ଉପରେ ଆଜି ପୋଲିସର ବର୍ବରୋଚିତ ଆକ୍ରମଣ ସେମାନଙ୍କର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ସରକାର ଜନସାଧାରଣଙ୍କର ଆପତି ଅଭିଯୋଗର ସମାଧାନ ନକରି ଯୋରଜବରଦସ୍ତ ଭାବେ ସେମାନଙ୍କର ଜମିକୁ ଅଧିକାର କରି କମ୍ପାନୀ ହାତକୁ କ'ଣ ପାଇଁ ଟେକି ଦେବାର ନିଷ୍ପତି ନେଇଛନ୍ତି ତାହା ଆଜି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଡ. ମହାପାତ୍ର ପ୍ରକାଶ କରିଛନ୍ତି । ଏପରିକି ପୋଲିସର ଏହି ଆକ୍ରମଣରୁ ମହିଳା ଓ ଶିଶୁମାନେ ମଧ ବାଦ ପଡ଼ିନାହାନ୍ତି । ଲାଠି ମାଡ଼ରେ ଲହୁଲୁହାଣ ହୋଇଥିବା ଗ୍ରାମବାସୀଙ୍କୁ ଚିକିତ୍ସା ପାଇଁ ମଧ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ । ଦୀର୍ଘ ୧୩ ଦିନ ହେଲା ପୋଲିସର ଘେରାବନ୍ଦିରେ ଥିବା ଢ଼ିଙ୍କିଆର ଗ୍ରାମବାସୀମାନେ ଆଜି ପୋଲିସର ଲାଠିମାଡ଼ରେ ଗାଁ ଦାଣ୍ଡରେ ପଡ଼ି ଛଟପଟ ହେଉଛନ୍ତି । ନିରସ୍ତ୍ର ଗ୍ରାମବାସୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବାବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନଥାଇ ପୋଲିସ କାହା ଇଙ୍ଗିତରେ ଏବଂ କ'ଣ ପାଇଁ ଆନ୍ଦୋଳନକାରୀଙ୍କ ଉପରେ ଏପରି ରକ୍ତାକ୍ତ ଆକ୍ରମଣ କଲେ ତା'ର ବିଚାରବିଭାଗୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଓଡ଼ିଶାର ସାଢ଼େ ଚାରିକୋଟି ଜନସାଧାରଣଙ୍କୁ ନିଜର ପରିବାର ବୋଲି ସର୍ବଦା ପ୍ରଚାର ଓ ପ୍ରସାର କରୁଥିବା ମୁଖ୍ୟମନ୍ତ୍ରୀଙ୍କର ଢ଼ିଙ୍କିଆର ଗ୍ରାମବାସୀମାନେ ସେହି ପରିବାରର ଲୋକ ନୁହନ୍ତି କି ବୋଲି ଡା. ମହାପାତ୍ର ପ୍ରଶ୍ନ କରିଛନ୍ତି । ଜଙ୍ଗଲ ଅଧିକାର ଆଇନ -୨୦୦୬ ଅନୁସାରେ ଗୋଟିଏ ସ୍ଥାନରେ ଜଣେ ବ୍ୟକ୍ତି ୬୦ ବର୍ଷରୁ ଅଧିକ ସମୟ ବସବାସ କରୁଥିଲେ ସେ ଉକ୍ତ ଜମିର ମାଲିକାନା ପାଇବାର ବ୍ୟବସ୍ଥା ଥିବା ବେଳେ ଏଠାରେ ଦୀର୍ଘ ୨୦୦ ବର୍ଷ ଧରି ଗୋଟିଏ ସ୍ଥାନରେ ବସବାସ କରୁଥିବା ଅଧିବାସୀ ମାନଙ୍କୁ ସରକାର କିପରି ଉଚ୍ଛେଦ କରୁଛନ୍ତି ବୋଲି ଡା. ମହାପାତ୍ର ପ୍ରଶ୍ନ କରିଛନ୍ତି । ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ନିଜର ପରିବାର ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗର ଅଧିବାସୀଙ୍କୁ ନିଜର ପରିବାର ଭାବି ସେଠାରେ କମ୍ପାନୀ ପ୍ରତିଷ୍ଠା ନକରି ତାଙ୍କର ଜୀବନ ଜୀବିକାର ସୁରକ୍ଷା କରନ୍ତୁ ବୋଲି କଂଗ୍ରେସ ଦାବି କରିଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଶ୍ରୀ ମନୋରଜନ ଦାଶ ଓ ଶ୍ରୀ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ ।

## ଡ୍ରେନେଜ ନଥିବାରୁ ସାହିର ଦାଣ୍ଡ ଆବର୍ଜନା ପାଣିରେ ଭର୍ତ୍ତି

ଖୋର୍ଦ୍ଧା, (ପିଏନ): ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ପରିବେଶ ଓ ଜଳକୁ ସଂରକ୍ଷଣ କରିବା ପାଇଁ ଅଭିଯାନ ଚଳାଇଥିବା ବେଳେ ଜିଲ୍ଲାର ଅଧିକାଂଶ ଗ୍ରାମରେ ଡ୍ରେନେଜର ସୁବିଧା ନ ଥିବାରୁ ଗାଁ ଦାଣ୍ଡରେ ପାଣି ଜମି ଅସ୍ୱଚ୍ଛକର ପରିବେଶ ସୃଷ୍ଟି ହେଉଛି । ଏହାଦ୍ୱାରା ମଶା, ମାଛି ଓ ବିଷାକ୍ତ ଜୀବର ବଂଶ ସୃଷ୍ଟି କରି ମ୍ୟାଲେରିଆ,ଚିକେନଗୁନିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ସୃଷ୍ଟି କରିସାଧାରଣ ଲୋକଙ୍କର ଜୀବନକୁ ମରଣ ମୁହଁକୁ ଠେଲି ହୋଇ ଯାଉଛନ୍ତି । ବର୍ତମାନ ପରିପ୍ରେକ୍ଷୀରେ ପ୍ରଚାର ସର୍ବସ୍ୱ ହୋଇଥିବା ବେଳେ କିନ୍ତୁ କାର୍ଯ୍ୟ କ୍ଷେତ୍ରରେ କମ ଦେଖିବାକୁ ମିଳିଥାଏ । ବର୍ଷା ପାଣି ହେଉ ଅବା ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳଯୋଗାଣ ପକ୍ଷରୁ ଷ୍ଟାଣ୍ଡ ପୋଷ୍ଟରେ କେତେକ ସ୍ଥାନରେ ଟ୍ୟାପ ନଥିବାରୁ ଜଳ ଦାଣ୍ଡରେ ପ୍ରବାହିତ ହୋଇ ଖାଲସ୍ଥାନ ମାନଙ୍କରେ ପାଣି ଜମି ଅନାବନା ଘାସ ସହିତ ଦାଣ୍ଡକୁ ଅପରିଷ୍କାର କରିଥାଏ । ଏହି ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ସଚେତନ ନାଗରିକ ମାନେ କହିଛନ୍ତି ।

## ଚୋରା ମାଙ୍କଡା ପଥର ଚାଲାଣ,୧୧ଗାଡି ଜବତ,୬ ଗିରଫ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ଅଂଚଳରୁ ପୋଲିସ ଚଢାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୧୧ ଗୋଟି ମାଙ୍କଡା ପଥର ଗାଡିକୁ ଜବତ କରିବା ସହ ୬ଜଣ ଚାଳକକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ।ତେବେ ଜବତ ହୋଇଥିବା ମାଙ୍କଡା ପଥରର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି ।ଏହି ବେଆଇନ ପଥର ଚାଲାଣ ଗାଡି ଗୁଡିକୁ ଧରିବା ପାଇଁ ପୋଲିସ ପ୍ରଶାସନ ଏବେ ଟେଇଁ ଉଠି ପଡିଥିବାରୁ ପଥର ମାଫିଆ ମାନଙ୍କ ମନରେ ଛାନିଆ ହୋଇ ପଡିଛନ୍ତି ।ଚଳିତ ମାସରେ ବର୍ତମାନ ସୁଦ୍ଧା ୨୦ ଗୋଟି ଗାଡି ୧୦ ଜଣ ଚାଳକଙ୍କୁ ଗିରଫ କରିଥିବା ବେଳେ ୧୬ ଗୋଟି ମାମଲା ରୁଜୁ କରିଛି ।

# ଅଦିନିଆ ବର୍ଷା ଉଜୁଡୁଛି ଫସଲ, ଚଷୀ ହତାସ



ବାଙ୍କୀ,(ପି.ଏନ): ଚଳିତ ବର୍ଷ ୨୦୨୧-୨୨ ପାଣିପାଗର ବ୍ୟାପକ ପରିବର୍ତ୍ତନ ବହୁଳ ପରିମାଣରେ ଉଜାଡୁଛି ଚଷୀର ଫସଲ କିଆରି । ବହୁ ପରିଶ୍ରତମ ଆର୍ଥିକ ବ୍ୟୟ ଭାର ଚାଷୀର ମେରୁଦଣ୍ଡ ଭାଙ୍ଗି ପକାଇଛି । ଖରିଫ୍ ଋତୁରେ ପ୍ରଥମରୁ ନିଅଁଟିଆ ବର୍ଷା, ମଧ ଭାଗରେ ବର୍ଷା ଓ ବନ୍ୟା ପ୍ରଭୃତି କ୍ଷତି ଘଟାଇଲା ଧାନ ଚଷରେ । ଖର୍ଚ୍ଚ ତୁଳନାରେ ମିଳି ନାହିଁ ଆୟ । କେତେକ ଗ୍ରାମରେ ତଳିଆ ଅଞ୍ଚଳରେ ଧାନ ଫସଲ ସମ୍ପୂର୍ଣ୍ଣ ଗଲା ବନ୍ୟାରେ ବିଶେଷ କରି ଶିମିଳିପୁର, ହରିରାଜପୁର, ବିଲିପଡା, ପାଟପୁର ଆଦି ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ବାଙ୍କୀ ଉପଖଣ୍ଡର ପାଟକୁଳିଆ ଜମି ତଥା ଛୋଟ ଛୋଟ ଜଳଧାରାକୁ ଆଶ୍ରୟ କରି ଚଷୀମାନେ ଅକ୍ଲାନ୍ତ ପରିଶ୍ରମ ଏବଂ ଅର୍ଥ ବ୍ୟୟରେ ଡେରିଥିଲେ ଶୀତଦିନିଆ ସବୁଜ ପନିପରିବା ଫସଲ । ଅନେକ କ୍ଷେତରେ ବିରି ବୁଣି ଥିଲେ ମଧ୍ୟ ବିରି ଅମଳ ସମୟରେ ଅଦିନିଆ ବର୍ଷାରେ ଉଜୁଡିଲା ବିରି ଫସଲ । ଯାହା ଫଳରେ ଚାଷୀମାନେ ବିରି ଟିକିଏ ମଧ ପାଇଲେ ନାହିଁ । କେତକ ସ୍ଥାନରେ ଓପଡା ଯାଇଥିବା ବିରି ପଡି ରହିଛି । ଶୀତଦିନିଆ ପନିଅର ଫସଲ କୋବି, ବିନ୍, ଝୁଡଙ୍ଗ, ବାଇଗଣ, ଟମାଟୋ, କଲରା ଆଦି ଫସଲ ଏହି ବର୍ଷା ଯୋଗୁଁ ମୂଳ ଷଡ଼ି ନଷ୍ଟ ହୋଇଯାଇଥିବା ଜଣା ପଡିଛି । ତରବରିଆ ଭାବରେ ଅନେକ ପନିପରିବାକୁ ଚାଷୀ ତୋଳି ଆଣି ଶାଗମାଛ ଦରରେ ବିକ୍ରି କରୁଥିବାର ଜଣା ପଡିଛି । ଯାହା ଫଳରେ କି ଚଷୀର ପରିଶ୍ରମର ଉଚିତ୍ ପାରିଶ୍ରମିକ ତାଙ୍କୁ ମିଳିନଥିବା ଚାଷୀମାନେ ଅଭିଯୋଗ କରନ୍ତି । ଚଳିତ ବର୍ଷ କୃଷି ଓ କୃଷକମାନଙ୍କ ପାଇଁ ଏହା ଏକ ଅଭିଶପ୍ତ ବର୍ଷ ବୋଲି ଜନମତ ପ୍ରକାଶ ପାଏ । ଅନେକ ସ୍ଥଳରେ କୃଷି ଋଣ ଛାଡ ପାଇଁ ମଧ ଚାଷୀମାନେ ଦାବୀ କରିଛନ୍ତି । ଏଭଳି ସ୍ଥଳରେ ପ୍ରଶାସନ ପକ୍ଷରୁ ପନିପରିବାର କ୍ଷୟକ୍ଷତିକୁ ଆକଳନ କରବା ସହ କୃଷକମାନଙ୍କ ପାଇଁ କିଛି ସୁବିଧା କରିବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray